ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯବେକ୍ଷକ

Vol.26 . No.56 Bhubaneswar Monday April 03 2023 | ୨୬ତମ ବର୍ଷ ସଂଖ୍ୟା-୫୬ ଭୁବନେଶ୍ୱର, ସୋମବାର, ଅପ୍ରେଲ ୦୩, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS


## ଗଣତନ୍ତ୍ର, ସମ୍ବିଧାନ ଓ ଦେଶ ବଂଚାଅ ଦାବିରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା : କଂଗ୍ରେସ



ଭୁବନେଶ୍ୱର, ୨।୪(ପି.ଏନ): ଭାରତବର୍ଷ ବିଶ୍ୱଦରବାରରେ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରୂପେ ନିଜର ପରିଚିତ ଜାହିର କରିଥିଲା କିନ୍ତୁ ଆଜକୁ କିଛିବର୍ଷ ହେଲା କେନ୍ଦ୍ରର ବିଜେପି ସରକାର ଭାରତବର୍ଷର ଗଣତନ୍ତ୍ର, ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା, ସାମ୍ବିଧାନିକ ଅନୁଷ୍ଠାନ ଏପରିକି ସ୍ୱାଧୀନ ଅନୁଷ୍ଠାନ ଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ଧ୍ୱସ୍ତବିଧ୍ୱସ୍ତ କରିସାରିଲେଣି। ଏପରିକି ଭାରତବର୍ଷର ସମ୍ବିଧାନର ପ୍ରଦତ ନୀୟମକୁ ଜାଣିସୁଣି ସରକାର ସରକାରୀ ବ୍ୟବସ୍ଥା ଏପରିକି ବିଜେପି ଦଳର ନେତୃବର୍ଗ ଖୁଲମଖୋଲା ଉଲଙ୍ଘନ କରୁଛନ୍ତି ବ୍ୟକ୍ତି ସ୍ୱାଧୀନତା ଆଜି ସଂପୂର୍ଣ୍ଣ ଲୋପ ପାଇଗଲାଣି। ଯେଉଁମାନେ ସରକାରଙ୍କ ଜନବିରୋଧି କାର୍ଯ୍ୟକଳାପ, ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସଂସଦ ଭିତରେ ବା ରାଜରାସ୍ତାରେ ସ୍ୱର ଉତୋଳନ କରୁଛନ୍ତି ସେ ସମସ୍ତଙ୍କର ସ୍ୱରକୁ ସିବିଆଇ, ଇଡି, ଇନକମଟ୍ୟାକ୍ସ ଏପରିକି ଅଦାଲତର ନାକୁ ନେଇ ଚାପି ଦିଆଯାଉଛି, ତାଙ୍କୁ ବାରମ୍ବାର ଭୟଭୀତ କରାଯାଉଛି। ଫଳରେ ସରକାର ଭୟ, ଅତ୍ୟାଚାର ଅନ୍ୟାୟକୁ ଏକ ରାଜନୈତିକ କୌଶଳ କରିନେଇଛନ୍ତି ବିରୋଧିଙ୍କୁ ଶକ୍ତହୀନ କରିବାପାଇଁ। ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ ପାଇଲା ପରେ ମୋଦି-ଆଦାନୀ ସଂପର୍କ ଗୋଟିଏ ପରେ ଗୋଟିଏ ଖୁଲାସା ଶ୍ରୀ ରାହୁଲ ଗାନ୍ଧୀ କରିବାକୁ ଲାଗିଲେ ଏପରିକି ସଂସଦର ସମସ୍ତ ତଥ୍ୟ ସମ୍ବଳିତ ମୋଦି-ଆଦାନୀ ସଂପର୍କକୁ ନେଇ ଯେଉଁ ପ୍ରଶ୍ନ ଉତ୍ଥାପନ କରିଛନ୍ତି ତାହ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଏପରିକି ବିଜେପି ସରକାରକୁ ବହୁ ଅଡୁଆରେ ପକାଇଛି। କାହିଁକି ଭାରତବର୍ଷର ସମସ୍ତ ଜାତୀୟ ସଂପତି ଜଣେ ବ୍ୟବସାୟୀଙ୍କ ହାତରେ ଟେକି ଦିଆଯାଉଛି। ଏହାଦ୍ୱାରା କିଏ ଲାଭବାନ ହେଉଛି। ଆଦାନୀ ପରିବାରଦ୍ୱାରା ବିଦେଶରେ ପରିଚାଳିତ ସେଲ କମ୍ପାନୀ ମାନଙ୍କ ଦ୍ୱାରା ଯେଉଁ ୨୩ ହଜାର କୋଟି ଟଙ୍କାର ବିନିଯୋଗ ହୋଇଛି ଏ ଟଙ୍କା କାହାର ବୋଲି ସେ ପଚାରିବାଦ୍ୱାରା ନରେନ୍ଦ୍ର ମୋଦି ଏବଂ ବିଜେପିର ଗାତ୍ରଦାହ ହୋଇଛି। ଫଳସ୍ୱରୂପ ଏକ ମାନହାନୀ ମକଦ୍ଦମାରେ ୨ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇ ସଂସଦର ସଭ୍ୟ ପଦକୁ ରଦ୍ଦ କରିଦିଆଗଲା। ଏହା ଭାରତବର୍ଷର ଗଣତାନ୍ତ୍ରିକ ଇତିହାସରେ ଏଭଳି ଘଟଣା କେବେ ଦେଖାଯାଇ ନଥିଲା। କଂଗ୍ରେସ ଏବଂ ସମସ୍ତ ବିରୋଧି ଦଳ ଜଏଂଟ ପାଲ୍ୟାମେଂଟାରୀ କମିଟି ଗଠନ କରାଯାଉ ଏବଂ ଏହାର ତଦନ୍ତ ଜେପିସି ଦ୍ୱାରା କରାଯାଉ ବୋଲି ସରକାର ଗ୍ରହଣ କରିବା ପରିବର୍ତେ ଜାଣିଶୁଣି ପାଲ୍ୟାମେଂଟକୁ ବନ୍ଦ କରିଦେଲେ ଏବଂ ଏହାର ତଦନ୍ତ ପାଇଁ ସାମାନ୍ୟତମ ନିଷ୍ଠା ଦେଖାଉନାହାନ୍ତି କାହିଁକି। ଏହାଦ୍ୱାରା ସକାରର ପ୍ରକୃତ ଚେହେରା ଜଣାପଡ଼ିଯିବ ବୋଲି ଭୟରେ ଏହାକୁ ଗ୍ରହଣ କଲେ ନାହିଁ। ଗଣତନ୍ତ୍ର, ସମ୍ବିଧାନ ଓ ଦେଶର ସୁରକ୍ଷା ଦାବିରେ ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିଷ୍ପତିକ୍ରମେ ଆଜି ପିସିସି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ ବିଭାଗ ପକ୍ଷରୁ ଆମ୍ବେଦକରଙ୍କ ପ୍ରତିମୂର୍ତି ତଳେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ କରାଯାଇଥିଲା। ଗଣତନ୍ତ୍ର ବଂଚାଅ, ଦେଶ ବଂଚାଅ, ସମ୍ବିଧନା ବଂଚାଅ ସ୍ଲୋଗାନ ଦେଉଥିବା ସମୟରେ ପୋଲିସ ପକ୍ଷରୁ ପ୍ରଦର୍ଶନକାରୀଙ୍କୁ ଗିରଫ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଂଟିଆ, ସୁରେଶ କୁମାର ରାଉତରାୟ, ରାଜନ ଏକ୍କା, ଶିବାନନ୍ଦ ରାୟ, ଯୁଧିଷ୍ଠୀର ଜେନା, ମନୋରନ ଦାଶ, ଶୁଭେନ୍ଦୁ ମହାନ୍ତି, ନକୁଲ ନାୟକ, ବାଙ୍କନିଧି ବେହେରା, ଭୂଜବଳ ମାଝୀ, ଜିଆଉଲ ହକ, ରାଜକିଶୋର ବାରିକ, ବିଷ୍ଣୁ ବାରିକ, ହଳଧର ସେଠୀ, ସରସ୍ୱତୀ ହେମ୍ବ୍ରମ, ସସ୍ମିତା ବେହେରା, ମାନସ ମଲ୍ଲିକ, ବିଶ୍ୱଜିତ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ହଳଧର କାର୍ଜି, ପ୍ରକାଶ ଜେନା, କୈଳାସ ସାହୁ, ସନ୍ତୋଷ ନନ୍ଦ, ତରୁଣ ମିଶ୍ର, ପ୍ରଣତି ମିଶ୍ର, ଗିତାଳି ମହାନ୍ତି, କୁସୁମ ପ୍ରଧାନ, ଜାନକୀ ମଲ୍ଲିକ, କନକ ମଲ୍ଲିକ, ନିରୁପମା ପାତ୍ର, ଶ୍ରୀୟାସ୍ମିତା ପଣ୍ଡା, ସୁଭଦ୍ରା ମିଶ୍ର, ସୁଶାନ୍ତ ତ୍ରିପାଠୀ, ଲିଙ୍ଗରାଜ ସାହୁ, ମନୋରନ ରାଉତରାୟ, ଶତୃଘନ ବେହେରା, କୈଳାସ ଚନ୍ଦ୍ର ସାହୁ, ରିତ ପାତ୍ର, ଦୁର୍ଯ୍ୟୋଧନ ବେହେରା, ନିମାଇ ରାଉତ, ପ୍ରସାଦ ମହାକୁଡ଼, ସତ୍ୟକାମ ସେନାପତି, ଦୀପକ ପରିଡ଼ା, ଅଭିଶେକ ରାଉତ, ଅମିତା ବିଶ୍ୱାଳ, ରଜନୀ ମହାନ୍ତି, ଗଜେନ୍ଦ୍ର ତନ୍ତି, ରାଜେନ୍ଦ୍ର ଦୁରିଆ, ମନୋଜ ବାଗ, ରତ୍ନାକର ବେହେରା, ପ୍ରଭାତ ପ୍ରତାପସିଂ, ସୁବ୍ରତ ମହାପାତ୍ର, ରାମଚନ୍ଦ୍ର ଗୋଛାୟତ, ସଂକୁନା କହଁର, ସେକ ଜାଫର, ସେକ ସିରାଜ, ସେକ କାଲା, ମିହିର ଆଚାର୍ଯ୍ୟ, ଜୟକୃଷ୍ଣ ସୁବୁଦ୍ଧି, ନରୋତମ ନାୟକ, ସୁଭାଷ ପ୍ରଧାନ, ଚନ୍ଦନ କିସ୍କୁ, ବାଦଲ ହେମ୍ବ୍ରମ, ସେକ୍ ଜାଫର, ସୁଲତାନ ସାହାଦୁଲ୍ଲା, ନୌସର ଅଲ୍ଲି, ଅଶୋକ ଦାସ, ସେକ୍ ଇମାମୁଦ୍ଦିନ, ସେକ ଅବ୍ରାର, ତାକିମ ଅହମ୍ମଦ, ମହମଦ ସାଜିଦ, ଖଗେଶ୍ୱର ମଲ୍ଲିକ, ଭଜଗୋବିନ୍ଦ ଦଳେଇ, ଭରତ ବେହେରା, ଦେବେନ୍ଦ୍ର ଦାସ, ମଂଟୁ ମଲ୍ଲିକ, ରମାକାନ୍ତ ନାୟକ, ଟିକନ ବେହେରା, ନିଳକଣ୍ଠ ଦାସ, ବିପ୍ରବର ସାହୁ, ଗୋପାଳ ସାହୁ, ଯୋଗେଶ ଅଗ୍ରୱାଲ, ବାବୁଲି ମଲ୍ଲିକ, ରନ ଜେନା, ସୁକମାର ପ୍ରଧାନ, ସାଗର ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କ୍ରିକେଟ ମ୍ୟାଚ୍ ଚାଲିଥିବା ବେଳେ ଅମ୍ପାୟାରଙ୍କୁ ହତ୍ୟା



ଭୁବନେଶ୍ୱର, ୨।୪(ପି.ଏନ): କ୍ରିକେଟ ଟୁର୍ନାମେଣ୍ଟ ଚାଲିଥିବା ବେଳେ ଅମ୍ପାୟାରଙ୍କୁ ହତ୍ୟା। ଛୁରା ମାଡ଼ରେ ଅମ୍ପାୟର ହୋଇଥିବା ଯୁବକ ମୃତ। ଆଜି କଟକ ଜିଲ୍ଲା ଚୌଦ୍ୱାର ଥାନା ଅନ୍ତର୍ଗତ ମହିଁସାଲଣ୍ଡା ପଞ୍ଚାୟତରେ ଏଭଳି ଘଟଣା ଘଟିଛି। ମୃତ ଯୁବକ ଜଣକ ମହିଂସାଲଣ୍ଡା ଗ୍ରାମର ଲକି ରାଉତ(୨୨) ବୋଲି ଜଣାପଡିଛି। ଛୁରା ମାଡ଼ କରିଥିବା ଜଣେ ଯୁବକକୁ ଗ୍ରାମବାସୀ କାବୁ କରି ଅଟକ ରଖିଥିଲେ। ଖବର ପାଇ ଚୌଦ୍ୱାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାକୁ ଥାନାକୁ ନେଇଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ପୁଲିସ ଫୋର୍ସ ମୁତୟନ କରାଯାଇଛି।

## କୋଟିଆ ପ୍ରତି କରିଥିବା ଅବହେଳାକୁ ଘୋଡାଉଛି ବିଜେପି: ବିଜେଡି

ଭୁବନେଶ୍ୱର, ୨।୪(ପି.ଏନ): ଓଡିଶା ବିଜେପି କୋଟିଆ ପ୍ରତି କରିଥିବା ଅବହେଳାକୁ ଘୋଡାଇବାକୁ ଚେଷ୍ଟା କରୁଛି। କୋଟିଆ ପ୍ରସଙ୍ଗରେ ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ ଆଜି ଗଣମାଧ୍ୟମରେ ଦେଇଥିବା ବିବୃତିରୁ ଏହା ଜଳ ଜଳ ହୋଇ ଦିଶୁଛି ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଇପ୍ସିତା ସାହୁ। ଏଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୁଶ୍ରୀ ସାହୁ କହିଛନ୍ତି ଯେ ଶ୍ରୀ ହରିଚନ୍ଦନଙ୍କୁ ଆମର ପ୍ରଶ୍ନ ତାଙ୍କର ବାପା ଯେତେବେଳେ ଆନ୍ଧ୍ରର ରାଜ୍ୟପାଳ ଥିଲେ ସେ ଥରୁଟିଏ ବି କେବେ କୋଟିଆ କଥା ଉଠାଇଥିଲେ କି? ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଥିବାବେଳେ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଚାହିଁଥିଲେ ଏହି ସମସ୍ୟାର ସମାଧାନ କରିପାରିଥାନ୍ତେ। ମାତ୍ର ସେ କେବେ ଏଥିପାଇଁ ଉଦ୍ୟମ କରିଥିଲେ କି? ତେଣୁ କୋଟିଆକୁ ନେଇ ଶସ୍ତା ରାଜନୀତି କରିବା ଆଗରୁ ଶ୍ରୀ ହରିଚନ୍ଦନଙ୍କୁ ଲଜ୍ଜା ଲାଗିବା ଉଚିତ୍। ଓଡିଶା ସରକାର କେବଳ କୋଟିଆ ପଂଚାୟତରେ ୧୬୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ରାସ୍ତାଘାଟ, ସ୍କୁଲରୁ ନେଇ ହସ୍ପିଟାଲ ପର୍ଯ୍ୟନ୍ତ ସବୁ କାମ କରାଯାଇଛି। ଏହାପରେ ବି ବିଜେପି ନେତାମାନଙ୍କୁ କିଛି ଦେଖାଗଲାନି। ଏଥିରୁ ଜଣାପଡୁଛି ଯେ ଓଡିଶା ବିଜେପି ନେତାମାନେ ଏବେ ଦୃଷ୍ଟିଦୋଷରେ ପୀଡିତ। ପୃଥ୍ୱୀରାଜ ବାବୁଙ୍କ ଭଳି ବିଜେପି ନେତାମାନଙ୍କୁ ଆମର ପରାମର୍ଶ, କୋଟିଆ ଭଳି ସ୍ପର୍ଶକାତର ପ୍ରସଙ୍ଗରେ ନିମ୍ନମାନର ରାଜନୀତି କରି ଏହି ବିବାଦର ସମାଧାନ ପାଇଁ କେନ୍ଦ୍ରରେ ଥିବା ତାଙ୍କ ଦଳର ସରକାରଙ୍କ ପାଖରେ ଦାବି କରିବା ସହିତ ଏଭଳି ନାଟକବାଜି ବନ୍ଦ କରନ୍ତୁ ବୋଲି ସୁଶ୍ରୀ ସାହୁ କହିଛନ୍ତି।

## ନୀତୀଶଙ୍କ ପାଇଁ ସବୁଦିନ ଲାଗି ବିଜେପି ଦ୍ୱାର ବନ୍ଦ: ଅମିତ ଶାହ



ଭୁବନେଶ୍ୱର, ୨।୪(ପି.ଏନ): ଆଜି ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାରଙ୍କୁ ଟାର୍ଗେଟ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ନୀତୀଶଙ୍କ ପାଇଁ ବିଜେପି ଦ୍ୱାର ସବୁଦିନ ବନ୍ଦ ହୋଇଯାଇଛି ବୋଲି ସେ କହିଛନ୍ତି। ଅମିତ ଶାହା ଆଜି ବିହାର ଗସ୍ତରେ ଯାଇ ନୱାଡାଠାରେ ଏକ ସାଧାରଣ ସଭାରେ ସମ୍ବୋଧିତ କରି ଏପରି ବିବୃତ୍ତି ଦେଇଛନ୍ତି। ସେ କହିଛନ୍ତି ଯେ ନୀତୀଶ କୁମାରଙ୍କ ପାଇଁ ବିଜେପିର କବାଟ ସବୁଦିନ ପାଇଁ ବନ୍ଦ ହୋଇଯାଇଛି। ଯଦି ଆପଣ ଭାବୁଛନ୍ତି ଯେ ପୁଣି ବିଜେପିର ସମର୍ଥନ ପାଇବ, ତେବେ ଏହାକୁ ଭୁଲିଯାଅ। ଆପଣଙ୍କ ପାଇଁ ବିଜେପିର ଦ୍ୱାର ସବୁଦିନ ପାଇଁ ବନ୍ଦ ହୋଇଯାଇଛି। ଶାହ ଆହୁରି ମଧ୍ୟ କହିଛନ୍ତି, ନୀତୀଶ ବାବୁଙ୍କୁ କ୍ଷମତାର ଲୋଭ ଲାଲୁ ଜିଙ୍କ କୋଳରେ ବସିବାକୁ ବାଧ୍ୟ କଲା। ମୁଁ ଏପରି ସ୍ୱାର୍ଥପର ସରକାର ଦେଖି ନାହିଁ। ମୁଁ ଲାଲୁ ଜୀଙ୍କୁ ମଧ୍ୟ କହିବାକୁ ଆସିଛି ଯେ ନୀତୀଶ ପ୍ରଧାନମନ୍ତ୍ରୀ ହେବାକୁ ଯାଉନାହାଁନ୍ତି। ଯଦି ମୋଦୀ ପ୍ରଧାନମନ୍ତ୍ରୀ ହୁଅନ୍ତି ତେବେ ନୀତୀଶ ଆପଣଙ୍କ ପୁଅକୁ ମୁଖ୍ୟମନ୍ତ୍ରୀ କରିବେ ନାହିଁ। ବିହାରର ଲୋକମାନେ ନିଷ୍ପତ୍ତି ନେଇଛନ୍ତି ଯେ ବିହାରର ସମସ୍ତ ୪୦ଟି ଆସନରେ ପଦ୍ମଫୁଲ ଫୁଟାଇବେ। ଅମିତ ଶାହା ଆହୁରି କହିଛନ୍ତି, "ମୁଁ ବିହାରର ଲୋକଙ୍କୁ ନିଶ୍ଚିତ କରିବାକୁ ଚାହୁଁଛି ଯେ ଆମେ ନୀତୀଶ କୁମାରଙ୍କ ସହ ଆଉ କେବେ ବି ଗଠବନ୍ଧନ କରିବୁ ନାହିଁ। ବିହାରର ଲୋକମାନେ ନିଷ୍ପତ୍ତି ନେଇଛନ୍ତି ଯେ, ବିହାରର ସମସ୍ତ ୪୦ଟି ଆସନରେ ପଦ୍ମ ଫୁଟିବାକୁ ଯାଉଛି। ମୁଁ ବିହାରର ଲୋକଙ୍କୁ କହିବାକୁ ଚାହେଁ, ୨୦୨୪ରେ ବିହାରରୁ ଭାଜପାକୁ ୪୦ଟି ଆସନ ଦିଅନ୍ତୁ ଏବଂ ୨୦୨୫ରେ ଭାଜପା ସରକାର ଗଠନ କରନ୍ତୁ। ଦଙ୍ଗାକାରୀଙ୍କୁ ଉଚିତ ଜବାବ ଦିଆଯିବ।

## ହଷ୍ଟେଲର ୩ ମହଲା ଉପରୁ ଖସିପଡିଲେ ଛାତ୍ର, ଓଡିଶା ଦିବସ ପାଳନ ବେଳେ ଅଘଟଣ



ଭୁବନେଶ୍ୱର, ୨।୪(ପି.ଏନ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର-ପରଜଙ୍ଗ ଥାନା ସରାଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ(IGIT)ର ସୂର୍ଯ୍ୟଭବନ ହଷ୍ଟେଲର ୩ ମହଲା କୋଠା ଉପରୁ ପଡି ଛାତ୍ର ଗୁରୁତର। ଗୁରୁତର ଛାତ୍ର ବି-ଟେକ ଶେଷ ବର୍ଷର ସତ୍ୟମ ଖାଲକୋ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗତକାଲି ରାତି ପ୍ରାୟ ସାଢ଼େ ୨ଟା ବେଳେ ଏହି ଘଟଣା ଘଟିଛି। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ବେଳେ ଏହି ଅଘଟଣ ଘଟିଥିବା ସୂଚନା ମିଳିଛି। ଅଭିଯୋଗ ପରେ ୪ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି ପରଜଙ୍ଗ ପୁଲିସ। ଅଟକଙ୍କ ମଧ୍ୟରେ ଦୁଇ ଜଣ ଅଣଛାତ୍ର ରହିଥିବା ସୂଚନା ମିଳିଛି। ସେମାନଙ୍କ ଘର ରାଉରକେଲା ଓ କେଉଁଝର ବୋଲି ଜଣାପଡିଛି।

## ଆହାର ଯୋଜନାକୁ ପୂରିଲା ୮ ବର୍ଷ : ମୁଖ୍ୟମନ୍ତ୍ରୀ ଜଣାଇଲେ ଶୁଭେଚ୍ଛା

ଭୁବନେଶ୍ୱର, ୨।୪(ପି.ଏନ): ରାଜ୍ୟରେ ପାଂଚ ଟଙ୍କାରେ ପେଟପୁରା ଖାଦ୍ୟ ପ୍ରଦାନର ଯୋଜନା ଆହାରକୁ ୮ ବର୍ଷ ପୂର୍ତି ହୋଇଛି। ଏହି ଅବସରରେ ଏହି ସେବା ସହ ଜଡିତ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ ଦିନ ହେଉ କି ରାତି ଲୋକମାନଙ୍କୁ ୫ ଟଙ୍କାରେ ପୁଷ୍ଟିକର ଓ ପେଟପୁରା ଖାଦ୍ୟ ଯୋଗାଇ 'ଆହାର' ସମସ୍ତଙ୍କ ନିକଟତର ହୋଇପାରିଛି। ଏହା ପଛରେ ମିଶନ ଶକ୍ତି ମା'ମାନେ ବଡ଼ ଭୂମିକା ନିର୍ବାହ କରୁଛନ୍ତି।'

## ଓଡିଶାବାସୀଙ୍କୁ ଅପମାନିତ କରିଛନ୍ତି ଜୟନାରାୟଣ: ବିଜେଡି

ଭୁବନେଶ୍ୱର, ୨।୪(ପି.ଏନ): ଓଡିଶାବାସୀଙ୍କୁ ଅପମାନିତ କରିଛନ୍ତି ବିରୋଧିଦଳ ନେତା ଜୟନାରାୟଣ ମିଶ୍ର। ଏପ୍ରିଲ ପହିଲା ଦିନ ସାରା ଓଡିଶା ଉତ୍ସାହ ଓ ଉଦ୍ଦୀପନାର ସହ ଓଡିଶା ଦିବସ ପାଳନ କରୁଥିବାବେଳେ ଏଭଳି ଏକ ପବିତ୍ର ଦିନରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମେଟ୍ରୋରେଳ ପ୍ରକଳ୍ପ ଘୋଷଣାକୁ ଏପ୍ରିଲ ଫୁଲ୍ ବୋଲି କହି ଉପହାସ କରି ଶ୍ରୀ ମିଶ୍ର ତାଙ୍କ ଓଡିଶା ବିରୋଧି ମାନସିକତାକୁ ଦର୍ଶାଇବା ସହିତ ଓଡିଶାବାସୀଙ୍କୁ ଅପମାନିତ କରିଥିବା କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ଲେନିନ ମହାନ୍ତି। ଏଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଡକ୍ଟର ମହାନ୍ତି କହିଛନ୍ତି ଯେ ଓଡିଶା ବିଜେପିର ନେତାମାନେ ଓଡିଶାବାସୀଙ୍କୁ ଅପମାନିତ କରିବା ଏହା ନୂଆ ନୁହେଁ। ପୂର୍ବରୁ ମଧ୍ୟ ସେମାନେ ଶାନ୍ତିପ୍ରିୟ ଓଡିଶାବାସୀଙ୍କୁ ଅରାଜକ ବୋଲି କହିଥିଲେ ଏବଂ ଓଡିଶାକୁ ଜାତୀୟ ସ୍ତରରେ ଅପମାନିତ କରିବାକୁ ଚେଷ୍ଟା କରିଥିଲେ। ଏପ୍ରିଲ୍ ପହିଲା ଓଡିଶା ଦିବସକୁ ଏପ୍ରିଲ ଫୁଲ୍ ବୋଲି ଅବିହିତ କରିବା ବିରୋଧିଦଳ ନେତାଙ୍କ ଓଡିଶା ପ୍ରତି ଅପମାନଜନକ ମନୋଭାବର ଅନ୍ୟ ଏକ ଉଦାହରଣ। କିଛିଦିନ ହେଲା ମାନସିକ ଭାରସାମ୍ୟ ହରାଇଥିବାରୁ ଶ୍ରୀ ମିଶ୍ର ଏଭଳି ବାଉଳିଚାଉଳି ହେଉଛନ୍ତି। ଓଡିଶା ବିଜେପି ତୁରନ୍ତ ତାଙ୍କର ମାନସିକ ଚିକିତ୍ସା କରାଉ। ନହେଲେ ସେ ଏଭଳି ଆତ୍ମଘାତୀ ମନ୍ତବ୍ୟ ଦେଇ ବିଜେପିକୁ ଓଡିଶାରୁ ସଫା କରିଦେବେ ବୋଲି ଡକ୍ଟର ମହାନ୍ତି କହିଛନ୍ତି।











# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ ରଚିଯାଇଛନ୍ତି ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା

ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।



## ଶୀତ ଋତୁରେ ରୋଗ ବେଶୀ

ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।






# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# କୋଟିଆବାସୀଙ୍କ ସହ ଉତ୍କଳ ଦିବସ ପାଳିଲେ କେନ୍ଦ୍ରମନ୍ତ୍ରୀ : କୋଟିଆ ଓଡ଼ିଶାର ସୂର୍ଯ୍ୟ, ଚନ୍ଦ୍ର, ପାଣି ଏବଂ ପବନ ଭଳି ଏହା ଧ୍ରୁବ ସତ୍ୟ : ଧର୍ମେନ୍ଦ୍ର ପ୍ରଧାନ

ଜୟପୁର, (ପି.ଏନ): କୋଟିଆ ଓ ଫାଟୁସିନେରିର ଗ୍ରାମବାସୀଙ୍କ ସହ 'ବନ୍ଦେ ଉତ୍କଳ ଜନନୀ' ଗାଇଲେ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ କୋଟିଆର ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର, ପୋଷ୍ଟ ଅଫିସ, ବ୍ୟାଙ୍କ୍, ଆଦିମ ଗୁରୁକୁଳ ଆଶ୍ରମ, ମନ୍ଦିର ଓ ବିଭିନ୍ନ ସ୍ଥାନ ବୁଲି ଦେଖିଲେ । କୋଟିଆର ସବୁ ଗାଁ ଓଡ଼ିଶାର । ସୂର୍ଯ୍ୟ, ଚନ୍ଦ୍ର, ପାଣି ଓ ପବନ ଭଳି ଏହା ଧ୍ରୁବ ସତ୍ୟ ବୋଲି ଶନିବାର କୋରାପୁଟ ଜିଲ୍ଲାର କୋଟିଆ ଗସ୍ତ କରି ସେଠାକାର ଜନସାଧାରଣଙ୍କୁ ଭେଟିବା ସହ 'ଉତ୍କଳ ଦିବସ' ପାଳନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ କୋଟିଆର ଫାଟୁସିନେରି ଗାଁ ସମେତ ଅଞ୍ଚଳରେ ଥିବା ସ୍କୁଲ, ସ୍ୱାସ୍ଥ୍ୟ କେନ୍ଦ୍ର, ପୋଷ୍ଟ ଅଫିସ, ବ୍ୟାଙ୍କ୍, ଆଦିମ ଗୁରୁକୁଳ ଆଶ୍ରମ, ମନ୍ଦିର ସମେତ ବିଭିନ୍ନ ସ୍ଥାନ ବୁଲିଥିଲେ । ଢେମସା ନୃତ୍ୟ କରୁଥିବା ଭଉଣୀ ମାନଙ୍କ ସହ କଥା ହୋଇଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ କୋଟିଆ ଓ ଫାଟୁସିନେରି ଗ୍ରାମବାସୀଙ୍କ ସହ 'ଉତ୍କଳ ଦିବସ' ଦିବସ ପାଳନ କରିଥିଲେ ଏବଂ ପରେ ସେମାନଙ୍କ ସହ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ କେନ୍ଦ୍ରମନ୍ତ୍ରୀ । କୋଟିଆ ଗ୍ରାମ ସମିତି ଦ୍ୱାରା ଆୟୋଜିତ 'ଉତ୍କଳ ଦିବସ' କାର ?ୟ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏପ୍ରିଲ ୧, ୨୦୨୩ ମୋ ପାଇଁ ଅବିସ୍ମରଣୀୟ ଦିନ । ଆଜିର ଦିନ ବାଦ ବିବାଦର ଦିନ ନୁହେଁ ବରଂ ସାଢେ ୪ କୋଟି ଓଡ଼ିଆଙ୍କ ଏକାଠି ହେବାର ଦିନ । ଓଡ଼ିଶାକୁ ବଡ଼ କରିବା ଏବଂ ଓଡ଼ିଶା ପାଇଁ ବଡ ସ୍ୱପ୍ନ ଦେଖିବାର ଦିନ । ଗଣତନ୍ତ୍ରରେ ମତ ଓ ବାଦ ବିବାଦ ଭିନ୍ନ ରହିବ । ମାତ୍ର ଆଜିର ଉତ୍କଳ ଦିବସ ପରି ଦିନରେ ଆମେ ସମସ୍ତେ ଦଳୀୟ ପ୍ରସଙ୍ଗ ଭିତିରେ ନୁହେଁ ବରଂ ରଥଯାତ୍ରାରେ ମହାପ୍ରଭୁଙ୍କ ରଥ ଟାଣିବା ଭଳି ସମସ୍ତେ ଏକାଠି ହେବାର ଦିନ । ଆନ୍ଧ୍ର ଯଦି ଆମର ମାଟି ମାଆ ଓଡ଼ିଶାର ସୀମାବର୍ତ୍ତୀ ଅଂଚଳରେ ଲୋଲୁପ ଦୃଷ୍ଟି ପକାଇବାକୁ ଚାହିଁବ ତେବେ ଆମେ ଆମେ ଏହାର ବିରୋଧ କରିବା । ସ୍ୱତନ୍ତ୍ର ପ୍ରଦେଶ ଗଠନର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭଳି ଅନେକ ମହାପୁରୁଷଙ୍କ ବଳିଦାନକୁ ବ୍ୟର୍ଥ ହେବାକୁ ଦେବା ନାହିଁ ।ଆମ ରାଜ୍ୟର ସୀମାକୁ ଭୌଗଳିକ ଓ ସାଂସ୍କୃତିକ ରୂପେ ସୁରକ୍ଷିତ ରଖିବାର ସଂକଳ୍ପନା ନେଇ ସେ ୨୦୧୮ ମସିହାରେ କୋଟିଆ ଆସିଥିଲେ । ଏ ବିବାଦ ନେଇ ପୂର୍ବରୁ ନେଇ ଆନ୍ଧ୍ର ଓ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖାଯାଇଛି ଏବଂ ଆଗକୁ ମଧ୍ୟ ଏ ବିଷୟରେ ଅବଗତ କରାଯିବ । ଆନ୍ଧ୍ରର ପ୍ରଶାସନିକ ଅଧିକାରୀମାନେ କୌଣସି ସୀମାବର୍ତ୍ତୀ ଅଂଚଳକୁ ଆସି ଭୁଲ କାମ କରୁଛନ୍ତି । ଓଡ଼ିଶାର ସୀମାକୁ ଯିବାକୁ କୌଣସି କାରଣ ନାହିଁ । ସଂଘୀୟ ବ୍ୟବସ୍ଥାରେ ପରସ୍ପର ଭୌଗୋଳିକ ସୀମାକୁ ସମ୍ମାନ ଦେବାର ଆବଶ୍ୟକତା ରହିଛି । ଆଜି ସାଢେ ୪ କୋଟି ଓଡିଆମାନେ ଏଥିପାଇଁ ଏକାଠି ହେବା ଦରକାର ।ଆଜି ଓଡ଼ିଶା ପ୍ରଥମ ଭାଷାଭିତିକ ରାଜ୍ୟ ଭାବରେ ମାନ୍ୟତା ପାଇବାର ୮୭ ବର୍ଷ ପୂର୍ତ୍ତି ହୋଇଛି । ଆଗାମୀ ପ୍ରାୟ ୧୩ ବର୍ଷ ପରେ ୨୦୩୬ରେ ଆମ ପ୍ରଦେଶ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ଏହି ସମୟରେ ଆମର ଦାୟିତ୍ୱ, ଆମେ ସମସ୍ତେ ମିଳିତ ଭାବରେ ଓଡ଼ିଆ ଅସ୍ମିତାର ସୁରକ୍ଷା କରିବା । ଆଜି କୋଟିଆର ଫାଟୁସିନେରି ଥିବା ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବା ବେଳେ ସେମାନଙ୍କ ମନରେ ଡାକ୍ତର ଏବଂ ଅଫିସର ହୋଇ ଲୋକଙ୍କ ସେବା କରିବାର ସ୍ୱପ୍ନ ଅଛି। ଆମର ଦାୟିତ୍ୱ ସେମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ କଳ୍ପନା କରିବା ଏବଂ ଆମର ସୀମା ଓ ଭାଷାକୁ ସୁରକ୍ଷିତ ରଖିବା ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ନୂଆ ଜାତୀୟ ଶିକ୍ଷା ନୀତି ଅଣାଯାଇଛି । ଶିକ୍ଷା ନୀତିରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଆଗାମୀ ଦିନରେ କୋଟିଆ ଅଞ୍ଚଳର ସ୍ଥାନୀୟ କୁଇ ଭାଷା ସମେତ କୋରାପୁଟର ସ୍ଥାନୀୟ ଭାଷାରେ ପିଲାଙ୍କୁ ପାଠ ପଢାଇବା ପାଇଁ ଉଦ୍ୟମ କରାଯିବ । ଅପାର ସମ୍ଭାବନାର ଅଂଚଳ କୋରାପୁଟର ଆମ୍ବ, ପଣସ, ମାଣ୍ଡିଆ, ଚାଉଳ ଏବଂ କୁନ୍ଦୁଲି ହାଟରେ ମିଳୁଥିବା ପନିପରିବା ଏବଂ ଡାଲିର ସ୍ୱାଦ ଅନନ୍ୟ । ଏହିଭଳି କୃଷିଜାତ ସାମଗ୍ରୀର ପ୍ରଚାର ପ୍ରସାର କରିବା ଆମର ଦାୟିତ୍ୱ ହେଉ । ଉଲ୍ଲେଖନୀୟ ଯେ ଶ୍ରୀ ପ୍ରଧାନ କୋଟିଆ ଗ୍ରାମ ପଂଚାୟତର ଫାଟୁସିନେରି ଗସ୍ତ କରିବା ସହ ସାଧାରଣ ନାଗରିକଙ୍କ ସହ ମୌଳିକ ସମସ୍ୟା ନେଇ ଆଲୋଚନା କରିଥିଲେ ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟରେ ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧେଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟଭିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂରୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମାରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇôକ୍ଷସ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ୱାର୍ଲ୍ଡ଼ ଓଡ଼ିଶା ସୋସାଇଟିର ସଦସ୍ୟ ଦେଶଙ୍କ ସଂଖ୍ୟା ୭୦କୁ ବୃଦ୍ଧି

ନୂଆଦିଲ୍ଲୀ ,(ପି.ଏନ): ବିଶ୍ୱ ଭରି ଓଡ଼ିଆଙ୍କୁ ଏକଜୁଟ କରିବାରେ ୱାର୍ଲ୍ଡ଼ ଓଡ଼ିଶା ସୋସାଇଟି(ୱାଓସୋ) ଉତ୍ତମ କର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତି ମାନେ ମତପ୍ରକାଶ କରିଛନ୍ତି। ୱାଓସୋ ତରଫରୁ ଉଭୟ ବାସ୍ତବ ଓ ଆଭାସୀ ମଞ୍ଚରେ ଆୟୋଜିତ ଏକ ବନ୍ଧୁ ମିଳନରେ ମୁଖ୍ୟ ଅତିଥି ଭାବେ ଗୋଗ ଦେଇ ରାଜ୍ୟସଭା ସାଂସଦ ସୁଜୀତ କୁମାର ୱାଓସୋ, ବହୁ ସଂଖ୍ୟକ ଦେଶର ବାସୀ ଓଡ଼ିଆମାନଙ୍କୁ ଯୋଡ଼ିବାରେ ସକ୍ଷମ ହୋଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ବର୍ତ୍ତମାନ ବିଶ୍ୱ ଦରବାରରେ ଓଡ଼ିଶାର ବୈଭବ ଗୁଡ଼ିକର ଉପଯୁକ୍ତ ''ବ୍ରାଣ୍ଡିଂ'' କରିବଓ ସମୟର ଆହ୍ୱାନ ବୋଲି ଶ୍ରୀ କୁମାର ଦର୍ଶାଇଥିଲେ। ସମ୍ମାନୀତ ଅତିଥି ରାଷ୍ଟ୍ରୀୟ ସ୍ମାରକ ପ୍ରାଧିକରଣର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବସା, ପ୍ରବାସରେ ବସବାସ କରୁଥିବା ଓଡ଼ିଆମାନେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ନେଇ ସହଗେର ହାତ ବଢ଼ାଇବାକୁ ନିବେଦନ କରିଥିଲେ। ନୂଆଦିଲ୍ଲୀର ପ୍ରେସକ୍ଲବ ଅଫ ଇଣ୍ଡିଆଠାରେ ୱାଓସୋର ଅଧ୍ୟକ୍ଷ କିଶୋର ଦ୍ୱିବେଦୀଙ୍କର ଜନ୍ମଦିନ ଉପଲକ୍ଷେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ସାମିଲ ହୋଇ ଛତିଶଗଡ଼ର ପୂର୍ବତନ ମୁଖ୍ୟ ସୂଚନା ଆୟୁକ୍ତ ମନ୍ମଥ କୁମାର ରାଉତ, ସାରା ଜଗତର ଓଡ଼ିଆ ମାନେ ଉଚ୍ଚମନା ହେବା ସାଙ୍ଗକୁ ୱାଓସୋ ମଞ୍ଚରେ ଭାତୃତ୍ୱର ବନ୍ଧନକୁ ଦୃଢୀଭୂତ କରିବାକୁ ପରାମର୍ଶ ଦେଇଥିଲେ। ହାଇବ୍ରିଡ ସଭାକୁ ସମ୍ବୋଧନ କରି ୱାଓସୋର ଆନ୍ତର୍ଜାତିକ ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ତାଞ୍ଜାନିଆ, ଇଥିଓଆ ଏବଂ ଜର୍ମାନୀ ଆଦି ରାଷ୍ଟ୍ର ଗୁଡ଼ିକର ଗୋଗଦାନ ଫଳରେ ୱାର୍ଲଡ଼ ଓଡ଼ିଶା ସୋସାଇଟିର ସଦସ୍ୟ ଦେଶଙ୍କ ସଂଖ୍ୟା ସତୁରିକୁ ବୃଦ୍ଧି ।ଇଥିବା ଘୋଷଣା କରିଥିଲେ। ୱାଓସୋର ପ୍ରତିଷ୍ଠାତ୍ରୀ ଡ଼ଃ ଅରୁନ୍ଧତୀ ଦେବୀ, ୨୦୩୬ ମସିହାରେ ଓଡ଼ିଶା ପ୍ରଦେଶ



ଗଠନର ଶତାବ୍ଦୀ ପାଳନ କାଳରେ ୱାଓସୋ ଏକ ସରସ, ସୁନ୍ଦର, ନୂତନ ଓ ସୁନାର ଓଡ଼ିଶା ଗଠନ କରିବାର ସ୍ୱପ୍ନକୁ ସାକାର କରିବାକୁ ବଦ୍ଧପରିକର ବୋଲି ଦମ୍ଭ ପ୍ରକାଶ କରିଥିଲେ। ଏହି ସମାବେଶରେ ଶତାଧିକ ପ୍ରବାସୀ ଓଡ଼ିଆ ନେତୃବୃନ୍ଦ ଏବଂ ବିଭିନ୍ନ ଦେଶର ୱାଓସୋର ପ୍ରତିନିଧିମାନେ ଯୋଗ ଦେଇ ୱାର୍ଲ୍ଡ଼ ଓଡ଼ିଶା ସୋସାଇଟିର ସାଂଗଠାନିକ ଭିତ୍ତିକୁ ଅଧିକ ମଜଭୁତ କରିବା, ୨୦୩୬ ମସିହା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ଏବଂ ସମଗ୍ର ପୃଥିବୀରେ ଓଡ଼ିଆ ଅସ୍ମିତାର ଧ୍ୱଜାକୁ ଗର୍ବର ସହିତ ଉତ୍ତୋଳନ କରିବା ଭାଗ ଦେଇ ୱାର୍ଲ୍ଡ଼ ଓଡ଼ିଶା ସୋସାଇଟିର ସାଂଗଠାନିକ ଭିତ୍ତିକୁ ଅଧିକ ମଜଭୁତ କରିବା, ୨୦୩୬ ମସିହା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବା ଏବଂ ସମଗ୍ର ପୃଥିବୀରେ ଓଡ଼ିଆ ଅସ୍ମିତାର ଧ୍ୱଜାକୁ ଗର୍ବର ସହିତ ଉତ୍ତୋଳନ କରାଯିବା ଉପରେ ଜୋର ଦେଇଥିଲେ। "ଏହି ଅବସରରେ ବାସରେ ଜଗନ୍ନାଥ ମନ୍ଦିର ନିର୍ମାଣ କରି ଉତ୍କଳୀୟ ସଂସ୍କୃତିର ପ୍ରଚାର ଓ ପ୍ରସାର କରୁଥିବା ଯୋଗୁଁ ଅହମ୍ମଦାବାଦ ର ବଦ୍ରି ମହାପାତ୍ର, ରାୟପୁରରୁ ରନ୍ଦର ମିଶ୍ର ଏବଂ ନୂଆଦିଲ୍ଲୀର ପବନ ଜୈନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମାଜରେ ଉତ୍କୃଷ୍ଟ ଧରଣର ସେବା ପ୍ରଦାନ ପାଇଁ ୱାଓସୋ ତରଫରୁ ଆଭାସୀ ଓ ବାସ୍ତବ ଢଙ୍ଗରେ ସମ୍ବର୍ଦ୍ଧିତ କରାଯାଇଥିବା ଅନ୍ୟ ପ୍ରତିଭାବାନ୍ ବ୍ୟକ୍ତି ମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସକ ମନ୍ମଥ କୁମାର ରାଉତ, ଏନଟିସିର ପୂର୍ବତନ ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ, ପ୍ରଖ୍ୟାତ ଯକୃତ ବିଶେଷଜ୍ଞ ତଥା ସୁଲଭ ସୁସ୍ଥତା ଉପଲବ୍ଧ ସଂସ୍ଥା 'ସାଥୀ'ର ସଂସ୍ଥାପକ ଡଃ ଅଶୋକ ଚୌଧୁରୀ, ଆମେରିକାର ବିଆଇ ପ୍ରଫେସନାଲ ଇଙ୍କର ପ୍ରତିଷ୍ଠାତା ଧୀରେନ୍ଦ୍ର କର, ପ୍ରଭୁ ପବ୍ଲିକେଶନସର ପ୍ରତିଷ୍ଠାତା କାନାଡ଼ା ନିବାସୀ ପ୍ରଶାନ୍ତ ଭୂୟାଁ, ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟାଙ୍ଗନା ପୂର୍ଣ୍ଣଶ୍ରୀ ରାଉତ,କାନାଡ଼ାର ପ୍ରତିଷ୍ଠିତ ଶଲ୍ୟ ଚିକିତ୍ସକ ଦେବକାନ୍ତ ଜେନା, ଇଣ୍ଡିଆ ଜାନ ଫ୍ରେଣ୍ଡସିପ ସ୍କେତରର ସଭାତି ଜାନର କୁନା ଦାଶ ,ସିଙ୍ଗାପୁରରେ ଅବସ୍ଥିତ ୱାଓସୋର ସଂଯୁକ୍ତ ଆନ୍ତର୍ଜାତିକ ସଂଯୋଜକ ବନୋଜିନି ନାୟକ, କାଞ୍ଚନ ତିଷ୍ଠାନର ସଭାପତି ରଂଜନ କୁମାର ମହାପାତ୍ର ଓ ସମ୍ପାଦକ ତାସ ରଂଜନ ମଲ୍ଲିକ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ୱାଓସୋର ଭାରତୀୟ ଅଧ୍ୟାୟ ର ସଭାପତି ଡଃ ବୀନ ମିଶ୍ର, ଧନ୍ୟବାଦ ଅର୍ପଣ କରି ବନ୍ଧୁ ମିଳନରେ ବ୍ୟାପକ ସଂଖ୍ୟାରେ ବିଭିନ୍ନ ଦେଶର ତୁଙ୍ଗ ପ୍ରବାସୀ ଓଡ଼ିଆ ନେତୃବର୍ଗ ଏବଂ ପ୍ରବାସୀ ଓଡ଼ିଆ ସଂଗଠନ ମାନଙ୍କର ପ୍ରତିନିଧିଗଣ ଗୋଗ ଦେଇ ଥିବାରୁ ସେମାନଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ। "ସଭା ଶେଷରେ ସୁନାମଧନ୍ୟ ସଙ୍ଗୀତଜ୍ଞ ଅନିନ୍ଦିତା ଦାସ, ଆର୍ଯ୍ୟ ଅଭିମନ୍ୟୁ, ସଚ୍ଚିନ ଗେନ୍ଦ ଓ ସ୍ୱପ୍ନାରାଣୀ ରାଉତ ସୁମଧୁର ସଙ୍ଗୀତ ପରିବେଷଣ କରି ଶ୍ରୋତା ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଅଙ୍କିତ୍ ମୌର୍ଯ୍ୟ ଏବଂ ନନ୍ଦନ ଦ୍ୱିବେଦୀ ଡିଜିଟାଲ କକ୍ଷକୁ ଦକ୍ଷତାର ସହିତ ନିୟନ୍ତ୍ରଣ କରିଥିଲେ। ସୁଯୋଗ୍ୟ ଉଦଘୋଷିକା ଇପ୍ସା ପ୍ରତିବିମ୍ବିତା ଷଡ଼ଙ୍ଗୀ ସମଗ୍ର ଅଧିବେଶନକୁ ସୁଚାରୁ ରୂପେ ସଞ୍ଚାଳନା କରିଥିଲେ। ୱାଓସୋର ମହିଳା ଶାଖାର ଉପସଭାପତି ରୀତା ପାତ୍ର ଏବଂ ସାଂସ୍କୃତିକ ସାଧାରଣ ସମ୍ପାଦକ କାବେରୀ ବେହେରା ଉତ୍ସବ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। "ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରେସ କ୍ଲବ ଅଫ ଇଣ୍ଡିଆର ସଭାପତି ଉମାକାନ୍ତ ଲାଖେରା, ବରିଷ୍ଠ ଆଇନଜୀବୀ ଅବନୀ ସାହୁ, ଏମ୍ସର ପ୍ରାକ୍ତନ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଡେକା, ଚାର୍ଟାର୍ଡ ଆକାଉଣ୍ଟ ସୁଧୀର ଦାଶ, ମନୋରଞ୍ଜନ ମହାନ୍ତି ଓ ଡଃ ମୁକେଶ ଜୀନାରା, ଅଷ୍ଟ୍ରେଲିଆ ଓଡ଼ିଆ ସମାଜର ପୂର୍ବତନ ସଭାପତି ଡଃ ନଳିନୀ ପତି, ଆମେରିକାରୁ ଅକ୍ଷୟ ମହାନ୍ତି,ବିଶ୍ୱଭୂଷଣ ସାହୁ ଓ ପ୍ରବୀର ସାବତ, ୟୁଏଇରୁ ଅମୀୟ ମିଶ୍ର, ମଧ ପ୍ରାଚ୍ୟରୁ ଅଜୟ କୁମାର ଦାସ, ୟୁକେରୁ ଶିବ ରଂଜନ ବିଶ୍ୱାଳ ଓ ଡଃ ଜୟଶ୍ରୀ ନନ୍ଦ, ଆବୁଧାବୀରୁ ପ୍ରଦୀ ରଥ, ଦକ୍ଷିଣ କୋରିଆରୁ ସିତାଂଶୁ ଶେଖର ନନ୍ଦ, ଜର୍ମାନୀରୁ ଅମିତ୍ ରାଓ୍ୱଲ, ମୁମ୍ବାଇରୁ ନିର୍ମଳ ମିଶ୍ର ଓ ଜୀତ ମାଣିକ, ଚେନ୍ନାଇରୁ କ୍ଷୀରୋଦ ଜେନା, ଭୁବନେଶ୍ୱରରୁ ରାମକୃଷ୍ଣ ଦାଶ, ରବିନାରାୟଣ ବେହେରା, ହୃଷୀକେଶ ପାତ୍ର ଓ ମନସ୍ମିତା ଜେନାନାୟକ, ଗୁରୁଗ୍ରାମରୁ ଶ୍ରୀମନ୍ତ ବିଶ୍ୱାଳ, ବେଙ୍ଗାଲୁରୁରୁ ଲକ୍ଷ୍ମୀ ନାରାୟଣ ମିଶ୍ର, କେନ୍ଦ୍ରାପଡ଼ାରୁ ପୁଷ୍ପାଞ୍ଜଳି ବାରିକ, ନୟାଗଡ଼ରୁ ପ୍ରମୋଦ ପଟ୍ଟନାୟକ, ଭଦ୍ରକରୁ ସତ୍ୟବ୍ରତ ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରିୟରଞ୍ଜନ ଦାଶ, ମାନସ ବାନାର୍ଜୀ, ବିନାୟକ ଦାସ, ସୁଚରିତା ମହାନ୍ତି ଓ ସଂଗ୍ରାମ ପାଢ଼ୀ, ନିର୍ମଳ ପଟ୍ଟନାୟକ, ଗଜେନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ ସେଠୀ, ଉମାକାନ୍ତ ଜେନା, ସୂର୍ଯ୍ୟ ନାରାୟଣ ମିଶ୍ର, କମାଣ୍ଡର ଜୟନ୍ତ ପଣ୍ଡା, ବିମଳ ଭଲ, ବିଭୁ ସାହୁ, ବିଷ୍ଣୁ ପ୍ରଧାନ, ସନ୍ତୋଷ ରାଉତ, ଜ୍ଞାନ ଜେନା, ପତିତାବନ ପାତ୍ର, ସରୋଜ ସାହୁ, ପ୍ରିୟତମା କର ଏବଂ ଅସିତ କୁମାର କର ପ୍ରମୁଖ ଅନ୍ୟତମ ଥିଲେ।




# 'ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର...'



ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି - 'ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି। ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର। ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ। ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର। ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ। ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହ୍ନୁ ପାରେ।' ଯାହାଙ୍କଠାରୁ ଆମେ ଜନ୍ମ ନେଇଛନ୍ତି, ଯିଏ ଆମର ସୃଷ୍ଟିକର୍ତ୍ତା, ଯାହାଙ୍କ ଆଶୀର୍ବାଦରୁ ଆମେ ଏଡ଼ିକିଟିଏରୁ ଏଡ଼ୁଟିଏ ହେଇଛୁ, ଯିଏ ଆମ ପାଇଁ ପ୍ରତ୍ୟକ୍ଷ ଦେବତା; ସିଏ ହେଉଛନ୍ତି ଆମର ପିତାମାତା। ଏଣୁ - 'ପିତା ନାହିଁ ଯାହାର ସାହା ନାହିଁ ତାର, ପିତା ମାତା ସବୁ କିଛି ପିତାମାତା ପାଦ ଯେ ଜନ ସେବିଛି, ସେହୁଟି ସର୍ବ ଲଭିଛି।' ବାସ୍ତବରେ ପିତାମାତା ହେଉଛନ୍ତି ଆମର ପ୍ରତ୍ୟକ୍ଷ ଦେବତା। ତାଙ୍କର ବାର୍ଦ୍ଧକ୍ୟ ସମୟରେ ତାଙ୍କୁ ହତାଦର କରିବା ବା ଅବମାନନା କରିବା ଅନୁଚିତ। କେବଳ ଯେ ପିତାମାତା ତାହା ନୁହଁନ୍ତି; ସମସ୍ତ ବୟସ୍କ ଆମର ଅଗ୍ରପୂଜ୍ୟ। ସେମାନଙ୍କୁ କୁହାଯାଏ ଶ୍ରେଷ୍ଠ ମାନବ। 'ମା' ଅର୍ଥ ସୃଷ୍ଟି, 'ନବ' ଅର୍ଥ ନୂଆ। ଯାହାଙ୍କ ଠାରୁ ଆମେ ନୂଆ ପ୍ରେରଣା ପାଇଥାଉ। ତେଣୁ ସେ ହେଉଛନ୍ତି ଆମର ସବୁକିଛି। ଆଜିର ଭୋଗସର୍ବସ୍ୱ ସମୟର ମୁହୂର୍ତ୍ତରେ ଆମ୍ଭେମାନେ ପ୍ରାୟତଃ ନିଜ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ପଛେଇ ଦେଉଛେ ନିଜ ପିତାମାତାଙ୍କ ସେବାଯତ୍ନକୁ। ଯେଉଁମାନଙ୍କ ଇଚ୍ଛା ଓ ସଂକଳ୍ପର ଫଳସ୍ୱରୂପ ଆମ୍ଭେମାନେ ଆଜି ଏ ଦୁନିଆର ଆଲୋକ ଦେଖିବାକୁ ସମର୍ଥ ହୋଇଛୁ, ଏ ସୁନ୍ଦର ଶରୀର ପାଇଛୁ ଆଉ ପ୍ରତିଟି ମୁହୂର୍ତ୍ତରେ ମାନବୀୟ ମୂଲ୍ୟବୋଧକୁ ଅନୁଭବ କରିଛୁ, କିନ୍ତୁ ସେହିମାନଙ୍କ ଅତୁଳନୀୟ ଓ ଅକଳ୍ପନୀୟ ପ୍ରତିଦାନକୁ ଆମେ ପ୍ରତି ମୁହୂର୍ତ୍ତରେ ଭୁଲିଯାଉଛେ ସତେଯେପରି। ନିକଟରେ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର କାଗଜର ତଥ୍ୟ ଅନୁଯାୟୀ କେବଳ ଭାରତରେ ନୁହେଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପିତାମାତାଙ୍କ ପ୍ରତି ନିର୍ଯାତନା ଦେଉଥିବାର ହତଭାଗା ପୁଅ ମାନଙ୍କର କୁକୀର୍ତ୍ତିର ଖବର ପୃଷ୍ଠା ମଣ୍ଡନ କରୁଛି ଯାହାକି ନିଶ୍ଚିନ୍ତ ଭାବରେ ଆମମାନଙ୍କ ମାନବିକତାକୁ ଏକ ଧିକ୍କାର୍। ଏହା ସତ୍ତ୍ୱେ ଆମ୍ଭମାନଙ୍କ ପରି ନିଜକୁ ବ୍ରହ୍ମଜ୍ଞାନୀ ବିଚାର କରୁଥିବା ବୁଦ୍ଧିମାନ ବ୍ୟକ୍ତିମାନେ ଯେ କିପରି ନିଜ ସୁଖ ଓ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆମର ଜୀବନ୍ତ ଈଶ୍ୱରମାନଙ୍କୁ ହତାଦାର କରୁଛେ ତାହା ଆମ ସମାଜର ଆଇନାରେ ସୁସ୍ପଷ୍ଟ।

ଭାରତର ଶାସ୍ତ୍ର ଓ ପୁରାଣରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ଯେଉଁ ପିଲାମାନେ ନିଜ ବାପାମାଆଙ୍କ ସେବା କରିଥାନ୍ତି ସେମାନେ ସ୍ୱର୍ଗସୁଖର ପୁଣ୍ୟ ପାଇଥାନ୍ତି। କିନ୍ତୁ ଆମ୍ଭେମାନେ ତାଙ୍କୁ ହେୟଜ୍ଞାନ କରୁଛୁ। ଭାରତରେ ପିତାମାନଙ୍କ ଭରଣପୋଷଣ ହେଉ ବା ସେମାନଙ୍କୁ କୌଣସି ଯନ୍ତ୍ରଣା ବା କଷ୍ଟ ନ ଦେବା ପାଇଁ ବିଭିନ୍ନ ଆଇନରେ ନିର୍ଦ୍ଦେଶନାମା ସ୍ପଷ୍ଟ ଉଲ୍ଲେଖ ରହିଛି। ତାହାସତ୍ତ୍ୱେ ଅଧିକାଂଶ କ୍ଷେତ୍ରରେ ନିର୍ଯାତିତ ହେଉଥିବା ପିତାମାତା-ମାନେ ନିଜ ପିଲାମାନଙ୍କର ଏପରି କ୍ରୁର ବ୍ୟବହାର ଓ ନିର୍ଯାତନା ପାଇ ମଧ୍ୟ ସେମାନଙ୍କ ଭଲ କାମନା କରି କୌଣସି ଅଭିଯୋଗ କରିବାକୁ ଆଗେଇ ଆସିନଥାନ୍ତି। ଏଠାରେ ଏକ ସତ୍ୟ ଘଟଣା ଉପରେ ଆଧାରିତ ଉଦାହରଣଟିଏ ଦେଉଛୁ। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳ ଗାଡ଼କଣରେ ବାସନ୍ତୀ ଆଚାର୍ଯ୍ୟ ରୁହନ୍ତି। ତାଙ୍କ ସ୍ୱାମୀ ଶଶୀକାନ୍ତ ଆଚାର୍ଯ୍ୟ ଓ ସାବତ ପୁଅ ସତ୍ୟଜିତ ଓ ବୋହୂ ରୀତା ଆଚାର୍ଯ୍ୟ, ବାସନ୍ତୀ ଆଚାର୍ଯ୍ୟ ଘରେ ନଥିବାବେଳେ ତାଙ୍କ ତାଲା ଭାଙ୍ଗି ସମସ୍ତ ଆସବାସପତ୍ର ଅକ୍ତିଆର କଲେ। ଇଏ ହେଉଛନ୍ତି ସେହି ସତ୍ୟଜିତ ଯାହାଙ୍କୁ ମଣିଷ କରି ଗଢ଼ି ତୋଳିବା ପାଇଁ ବାସନ୍ତୀ ଦେବୀ ନିଜ ଜୀବନର ମୂଲ୍ୟବାନ ସମୟ ଉତ୍ସର୍ଗ କରିଛନ୍ତି। ଦୁର୍ଭାଗ୍ୟର କଥା ସତ୍ୟଜିତ ଓ ରୀତା ଆଚାର୍ଯ୍ୟ ତାଙ୍କୁ ମାଡ଼ ମାରିବା ସହ ପିଠିରେ ବିଷାକ୍ତ ଛୁଞ୍ଚି ଫୋଡ଼ିଛନ୍ତି। ତେଣୁ ଏଇଠି ଜଣେ ଅନୁଭବ କରନ୍ତୁ ପ୍ରକୃତରେ ମଣିଷ ସନ୍ତାନସନ୍ତତି କାହିଁକି ଜନ୍ମ କରିଥାନ୍ତି? କ'ଣ ପରିଣତ ବୟସରେ ଆହୁରି ଲୁହ ଓ ଲହୁ ପିଇବା ପାଇଁ?

ଆମ୍ଭେମାନେ ଭୁଲି ଯାଉଛେ ଯେ, ଆମେ ଆମ ପରିବାର ଓ ସମାଜ ପାଇଁ ବୋଝ ଭାବୁଥିବା ଆମ ପିତାମାତାଙ୍କ ପ୍ରତି ଆମେ ଯେଉଁପରି ବ୍ୟବହାର ଦେଖାଉଛେ ଠିକ୍ ସେହିପରି ବ୍ୟବହାର ଯେତେବେଳେ ଆମ୍ଭେମାନେ ପରିଣତ ବୟସରେ ଆମ ପିଲାମାନଙ୍କଠାରୁ ପାଇବା ତାହା ଆମ ମାନଙ୍କ ପାଇଁ କିପରି ସହିବାର ଶକ୍ତି ରଖିବ? କେତେକ କ୍ଷେତ୍ରରେ ଦେଖାଯାଇଥାଏ ଯେ, ସମାଜରେ ବୟସ୍କ ନାଗରିକ ମାନଙ୍କ ପାଇଁ ବିଭିନ୍ନ ସ୍ୱତନ୍ତ୍ର ସୁବିଧା, ସୁଯୋଗ ଓ ସହାୟତାର ବ୍ୟବସ୍ଥା ଥିଲେ ମଧ୍ୟ ଏହା କିଛି କ୍ଷେତ୍ରରେ କାଗଜ କଲମରେ ବନ୍ଧା ଆଇନ ପରି ଲାଗୁଛି ଆଉ କେତେକ କ୍ଷେତ୍ରରେ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଥିବାରୁ ଏହି ଆଇନର କୌଣସି ମୂଲ୍ୟ ରହୁନାହିଁ। ଆପଣମାନେ ଅଧିକାଂଶ କ୍ଷେତ୍ରରେ ଦେଖିଥିବେ ଯାତ୍ରା କରୁଥିବା କୌଣସି ବସ୍‌ରେ ବୟସ୍କ ନାଗରିକଙ୍କ ପାଇଁ ସଂରକ୍ଷଣ ଥିବା ସିଟ୍‌ରେ ଯୁବକମାନେ ବସିଥିବେ କିନ୍ତୁ ନିଜ ଭାଗ୍ୟକୁ ଆଦରି ବରଂ ନୀରବ ରହି ଛିଡ଼ା ହୋଇ କଷ୍ଟର ସହିତ ଯାତ୍ରା କରୁଥିବେ ସେହି ବସ୍‌ରେ ପରିଣତ ବୟସର ନାଗରିକମାନେ। ଏ କ୍ଷେତ୍ରରେ ବିବେକର ଆହ୍ୱାନ କ'ଣ ଆମ୍ଭେମାନେ ସମସ୍ତଙ୍କୁ କାନରେ କହିବାକୁ ପଡ଼ିବ? ଶିଶୁଟିଏ ଜନ୍ମ ହେଲା ଠାରୁ କଥା କହିବା ପର୍ଯ୍ୟନ୍ତ ତା' ପାଇଁ ପିତାମାତା ଅନେକ କିଛି କରିଥାଆନ୍ତି। ଅନେକ କିଛି ଦୁଃଖ ସହିଥାଆନ୍ତି। ସେମାନଙ୍କର କୌଣସି ଆଶା ନଥାଏ। ପ୍ରତ୍ୟେକ ସନ୍ତାନ ସେମାନଙ୍କର ବୃଦ୍ଧତ୍ୱ ସମୟରେ ତାଙ୍କ ସେବା କରିବା ଶ୍ରେଷ୍ଠ କର୍ତ୍ତବ୍ୟ।

**ଶ୍ୟାମସୁନ୍ଦର ସାମଲ**
*ବିଡ଼ାନାସୀ ବନ୍ଧଛକ, କଟକ, ଦୂରଭାଷ: ୯୭୭୮୬୩୫୯୨୬*

# ନୋବେଲ ପୁରସ୍କାରର ଜନକ ଆଲଫ୍ରେଡ୍ ନୋବେଲ





ଆଲ୍‌ଫ୍ରେଡ୍ ନୋବେଲ ୧୮୩୩ ମସିହାରେ ଷ୍ଟକ୍‌ହୋମଠାରେ ସ୍ୱିଡିଶ ପରିବାରରେ ଜନ୍ମ ନେଇଥିଲେ। ପିତା ଇମାନୁଏଲ୍ ଥିଲେ ଜଣେ ଇଂଜିନିୟର ତଥା ଉଦ୍ଭାବକ। କିନ୍ତୁ ପିଲାଦିନରୁ ବିସ୍ଫୋରକ ପ୍ରତି ଆଗ୍ରହ ଥିଲା ଆଲ୍‌ଫ୍ରେଡଙ୍କର। ସେ ଏହି ଦିଗରେ ଅଧିକ ଅଧ୍ୟୟନ ପାଇଁ ଉତ୍ସାହୀ ଥିଲେ। ତେବେ ଏ ବିଷୟରେ ପ୍ରାଥମିକ ଜ୍ଞାନ ମିଳିଥିବା ତାଙ୍କ ପିତାଙ୍କଠାରୁ। ଇମାନୁଏଲ୍‌ଙ୍କର ନାନା ପ୍ରକାର ବ୍ୟବସାୟରେ କ୍ଷତି ହେବା ପରେ ସେ ୧୮୩୭ ମସିହାରେ ସେଣ୍ଟ ପିଟର୍ସବର୍ଗକୁ ଚାଲିଯାଇଥିଲେ। ସେଠାରେ ସେ ବିଭିନ୍ନ ଯନ୍ତ୍ରପାତି ଏବଂ ବିସ୍ଫୋରକ ଉତ୍ପାଦନ ଆରମ୍ଭ କଲେ। ଆଧୁନିକ ପ୍ଲାଇଉଡ୍ ମଧ୍ୟ ସେ ପ୍ରସ୍ତୁତ କରିଥିଲେ। ପିଲାଦିନରୁ ବିସ୍ଫୋରକ ଏବଂ ରସାୟନ ପ୍ରତି ଆଗ୍ରହୀ ଥିବା ଆଲ୍‌ଫ୍ରେଡ୍ ୧୮ବର୍ଷ ବୟସରେ ରସାୟନ ବିଜ୍ଞାନରେ ଉଚ୍ଚତର ଅଧ୍ୟୟନ ପାଇଁ ପ୍ରଥମେ ପ୍ୟାରିସ୍ ଏବଂ ପରେ ଆମେରିକାକୁ ଯାଇଥିଲେ। ସେ ଏକାଧିକ ୟୁରୋପୀୟ ଦେଶରେ ଶିକ୍ଷାଲାଭ କରିଥିବାରୁ ପରିଷ୍କାର ଓ ଅନର୍ଗଳ ଭାବରେ ପାଞ୍ଚୋଟି ଭାଷା ବିଶେଷକରି ଇଂରାଜୀ, ଫ୍ରେଞ୍ଚ, ସ୍ୱିଡିଶ, ରୁଷିଆନ ଓ ଜର୍ମାନ ଭାଷାରେ କହି ଓ ଲେଖିପାରୁଥିଲେ। ସେ ତାଙ୍କ ବାପାଙ୍କ ପ୍ରୋତ୍ସାହନ କାରଣରୁ ବିସ୍ଫୋରକ ଉପରେ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ। ବହୁ ପରୀକ୍ଷା ନିରୀକ୍ଷାପରେ ସେ ଏକ ସ୍ପର୍ଶକାତର ବିସ୍ଫୋରକ ପ୍ରସ୍ତୁତ କରିଥିଲେ ଯାହାକୁ ୧୮୬୬ରେ ଡିନାମାଇଟ୍ ରୂପେ ନାମିତ କରାଗଲା।

ନୋବେଲଙ୍କ ଉଦ୍ଭାବନ ଖଣି, ପୂର୍ତ୍ତ, କୋଠା ନିର୍ମାଣ, ସୁଡ଼ଙ୍ଗ ଖୋଳା ଇତ୍ୟାଦିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ତାଙ୍କର ଉଦ୍ଭାବନ ଡିନାମାଇଟ୍ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷକରି ରସାୟନ ବିଦ୍ୟାରେ କୃତ୍ରିମବସ୍ତୁ ଯଥା ରବର ଏବଂ ଚମଡ଼ା ପ୍ରସ୍ତୁତିରେ ସହାୟକ ହୋଇଥିଲା। ତାଙ୍କ ପ୍ରଚେଷ୍ଟାରେ ୫ଟି ମହାଦେଶର ୨୦ଟି ଦେଶରେ ୯୦ଟି ଶିଳ୍ପଶାଳା ଓ ବାଣିଜ୍ୟଗାର ବା ବ୍ୟବସାୟିକ ସଂସ୍ଥା ଖୋଲା ଯାଇଥିଲା। ତାଙ୍କ ବ୍ୟବସାୟିକ ଉଦ୍ୟମ ଏବଂ ଉଦ୍ୟୋଗ ଶେଷରେ ଏକ ବିଶ୍ୱସ୍ତରୀୟ ଶିଳ୍ପରୂପେ ପରିଗଣିତ ହୋଇ ଯାହାକି ତାଙ୍କ ଆୟର ଏକ ମୁଖ୍ୟ ଉତ୍ସ ରୂପେ ପରିଣତ ହେଲା। ସେ ପାଲଟିଗଲେ ବିଶ୍ୱପତି। ଏବେ ସେଇ ଅର୍ଥ ତାଙ୍କ ଇଚ୍ଛାନୁଯାୟୀ ମଣିଷଜାତିର ସେବାରେ ବିନିଯୋଗ ହେଉଛି ବିଶେଷକରି ନୋବେଲ ପୁରସ୍କାର ଆକାରରେ ପ୍ରତିବର୍ଷ ଯାହାକି ମାନବ ସେବା ପାଇଁ ତଥା ସୃଜନପାଇଁ ପ୍ରେରଣାର ଉତ୍ସ ଓ ଶ୍ରମର ମର୍ଯ୍ୟାଦା ସ୍ୱରୂପ ଅଟେ। ଏମିତି ଏକ ଉତ୍ସର୍ଗୀକୃତ ଜୀବନ ପାଇଁ ଏକ ଘଟଣା ତାଙ୍କ ଆଖି ଖୋଲିଦେଲା। ବିଶ୍ୱର ସବୁଠାରୁ ସମ୍ମାନଜନକ ପୁରସ୍କାର ନୋବେଲ ପୁରସ୍କାର ସ୍ଥାପନର ଇତିହାସ ମଧ୍ୟ ଖୁବ୍ ସମ୍ବେଦନଶୀଳ। ସମ୍ବାଦପତ୍ରରେ ଶୋକବାର୍ତ୍ତାର କେଇଟି ବାକ୍ୟ ବିଖ୍ୟାତ ରସାୟନ୍‌ବିଦ୍, ଇଞ୍ଜିନିୟର, ଉଦ୍ଭାବକ ତଥା ଉଦ୍ୟୋଗପତି ଆଲଫ୍ରେଡ୍ ନୋବେଲଙ୍କ ହୃଦୟ ଓ ମସ୍ତିଷ୍କ ସବୁକିଛିକୁ ଦୋହଲାଇ ଦେଇଥିଲା। ଘଟଣାଟି ୧୮୮୮ ମସିହାର। ଆଲ୍‌ଫ୍ରେଡ୍‌ଙ୍କ ଭାଇ ଲୁଡଭିଗ୍ କେନ୍‌ସରେ ଥିବା ସମୟରେ ମୃତ୍ୟୁବରଣ କଲେ। ଏକ ଫରାସୀ ଖବରକାଗଜ ଭୁଲବଶତଃ ଲୁଡ୍‌ଭିଗ୍‌ଙ୍କ ବଦଳରେ ଆଲ୍‌ଫ୍ରେଡ୍‌ଙ୍କ ମୃତ୍ୟୁ ଘଟିଛିମାନେ କରି ଖବରକାଗଜରେ ଶୋକ ସମ୍ବାଦଟିଏ ଦେଲେ। ଏହି ଶୋକ ସମ୍ବାଦଟି ପଢ଼ିବା ପରେ ଆଲ୍‌ଫ୍ରେଡ୍ ଚିନ୍ତା କଲେ କ'ଣ ଲୋକମାନେ ମତେ ଏମିତି ଦୃଷ୍ଟିରେ ଦେଖୁଛନ୍ତି? ସେମାନେ ମତେ ଏକ ଦୁଷ୍ଟ ଆତ୍ମା ଭାବରେ ମନେ ରଖିବେ? ଶୋକସମ୍ବାଦର ଶିରୋନାମା ଥିଲା 'ମୃତ୍ୟୁର ସୌଦାଗର ମୃତ'। ଖବରଟିରେ ତାଙ୍କ ଡିନାମାଇଟ୍ ଆବିଷ୍କାରକୁ ତିରସ୍କାର କରାଯାଇଥିଲା। ଲେଖାଯାଇଥିଲା-ଡଃ ଆଲ୍‌ଫ୍ରେଡ୍ ନୋବେଲ ଯେ ଲୋକମାନଙ୍କୁ ହତ୍ୟା କରିବାର ଦ୍ରୁତତମ ଉପାୟ ଖୋଜି ବାହାର କରି ଧନୀ ପାଲଟି ଯାଇଥିଲେ, ଶେଷରେ ମୃତ୍ୟୁବରଣ କରିଛନ୍ତି। ପତ୍ନୀ ଓ ସନ୍ତାନ ନଥିବା ଆଲ୍‌ଫ୍ରେଡ୍ ଖୁବ୍ ଦୁଃଖିତ ହେଲେ ଏଇ ଖବରଟିରେ। ସେ ଏମିତି ଭାବରେ ଲୋକଙ୍କ ସ୍ମୃତିରେ ରହିବେ ଏ ଚିନ୍ତା ତାଙ୍କୁ ଅସ୍ଥିର କରିଦେଲା। ଶେଷରେ ୧୮୯୫ ମସିହା ନଭେମ୍ବର ୨୭ ତାରିଖରେ ପ୍ୟାରିସ୍‌ସ୍ଥିତ ସ୍ୱିଡ଼ିସ୍ ନରୱେ କ୍ଲବଠାରେ ସେ ନିଜର ଶେଷ ଇଚ୍ଛାପତ୍ର ଏବଂ ଶପଥପତ୍ରରେ ସ୍ୱାକ୍ଷର କଲେ। ଏହି ଇଚ୍ଛାପତ୍ରରେ ପ୍ରତିବର୍ଷ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଉଲ୍ଲେଖ କରାଗଲା। ଏଥିପାଇଁ ନିଜ ସମ୍ପତ୍ତିର ୯୪ ପ୍ରତିଶତ ଅଂଶ ସେ ଦାନ କରିଥିଲେ। ସେତେବେଳେ ଏହି ସମ୍ପତ୍ତିର ମୂଲ୍ୟ ଥିଲା ୩୧୨୨୫୦୦୦ ସ୍ୱିଡ଼ିସ୍ ମୁଦ୍ରା। ନୋବେଲ ୧୦ ଡିସେମ୍ବର ୧୮୯୬ରେ ତାଙ୍କ ନିଜ ଘର ସାନରେମୋ ଇଟାଲୀରେ ଶେଷ ନିଦ୍ରା ଯାଇଥିଲେ। ପ୍ରତିବର୍ଷ ତାଙ୍କର ଏହି ମୃତ୍ୟୁ ଦିବସରେ ନୋବେଲ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମୃତ୍ୟୁ ପୂର୍ବରୁ ତାଙ୍କ ଇଚ୍ଛାନୁସାରେ ଏ ପୁରସ୍କାର ୧୯୦୧ ଠାରୁ ଦିଆଯାଇଆସୁଛି। ଏଥିପୂର୍ବରୁ ୧୯୬୯ ମସିହାରେ ପ୍ରଥମେ ଅର୍ଥନୀତି ଉପରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଆମ ଦେଶରୁ ସର୍ବ ପ୍ରଥମେ ସାହିତ୍ୟରେ ଗୀତାଞ୍ଜଳି ପାଇଁ ରବିନ୍ଦ୍ରନାଥ ଠାକୁର ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଛନ୍ତି। ୧୯୩୯ ମସିହାରେ ଚନ୍ଦ୍ରଶେଖର ଭେଙ୍କଟରମଣ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇଛନ୍ତି। ଏହାବ୍ୟତୀତ ଡ. ହରଗୋବିନ୍ଦ ଖୁରାନା (ବିଜ୍ଞାନ), ଅମର୍ତ୍ତ୍ୟ ସେନ (ଅର୍ଥନୀତି) ଏବଂ ମଦର ଟେରେସା (ଶାନ୍ତି) ପାଇଁ ନୋବେଲ ପୁରସ୍କାର ପାଇଛନ୍ତି। ଗତବର୍ଷ ଭାରତର କୈଳାସ ସତ୍ୟାର୍ଥୀ, ପାକିସ୍ତାନର କିଶୋରୀ ମଲାଲା ୟୁସୁଫଜାଇଙ୍କ ସହ ମିଳିତ ଭାବରେ ନୋବେଲ ଶାନ୍ତି ପୁରସ୍କାର ଲାଭ କରିଥିଲେ। ନୋବେଲ ପୁରସ୍କାର ଏକ ସମୟରେ ସ୍ୱିଡ଼େନର ଷ୍ଟକହୋମ ଓ ନରୱେର ଓସ୍‌ଲୋଠାରୁ ସଂପୃକ୍ତ ରାଜପରିବାରମାନଙ୍କର ଉପସ୍ଥିତିରେ ପ୍ରଦାନ ହୋଇଥାଏ।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,
**E-mail : badal009bhuyan@gmail.com**

**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ଫୁଲନଖରାରୁ ଜବର ଦଖଲ ଉଚ୍ଛେଦ



ଫୁଲନଖରା (ପିଏନ୍)-କଟକ ମହାନଗର ନିଗମ ୫୯ନମ୍ବର ୱାର୍ଡ଼ ଅନ୍ତର୍ଗତ ଫୁଲନଖରା ଛକରୁ ଜବର ଦଖଲ ଉଚ୍ଛେଦ ହୋଇଛି। ପ୍ରଶାସନ, ପୁଲିସ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି। ୧୬ନମ୍ବର ଜାତୀୟ ରାଜପଥ ଫୁଲନଖରା ଛକଠାରୁ ରାଜପଥ ପାର୍ଶ୍ୱ ବମ୍ପକୁଦ ପର୍ଯ୍ୟନ୍ତ ଏହି ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲା। ଏଥିରେ ସିଏମସି ଡେପୁଟୀ କମିଶନର ଅଜୟକୁମାର ମହାନ୍ତି, ସଦର ଥାନା ଅଧିକାରୀ ରଶ୍ମିରଂଜନ ମହାପାତ୍ର, ଜାତୀୟ ରାଜପଥ ଅଧିକାରୀ ପଞ୍ଚାନନ ପାଲ, ପ୍ରଭାତ ଲେଙ୍କା, ରବିନ୍ଦ୍ର ଜେନା, ଅଶୋକ ବାରିକ ଏବଂ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଜଳଖିଆ ଦୋକାନ, ଢାବା, ଗ୍ୟାରେଜ, ପାନ ଦୋକାନ ଓ ଅନ୍ୟାନ୍ୟ ୨୨ଟି ବେଆଇନ ନିର୍ମାଣକୁ ବୁଲଡୋଜର ଲଗାଇ ଉଚ୍ଛେଦ କରାଯାଇଥିଲାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ବମ୍ପକୁଦଠାରୁ କଟକ ଶିଖରପୁର ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ କାର୍ଯ୍ୟ ଚାଲିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୩ ମସିହା ନଭେମ୍ବର ୨୭ ତାରିଖରେ ପ୍ରଶାସନ ତରଫରୁ ଫୁଲନଖରା ବଜାରରୁ ବେଆଇନ ଜବର ଦଖଲ ଉଚ୍ଛେଦ କରାଯାଇଥିଲା।

## ଧର୍ମଶାଳା ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ପୂଜା ଉପଲକ୍ଷେ ପ୍ରସ୍ତୁତି ବୈଠକ



ଧର୍ମଶାଳା (ପିଏନ୍): ଧର୍ମଶାଳା ମହୋତ୍ସବ ପୂଜା କମିଟି ଆନୁକୂଲ୍ୟରେ ଚଳିତ ବର୍ଷ ଲକ୍ଷ୍ମୀନାରାୟଣ ପୂଜା ଓ ଧର୍ମଶାଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ ସିଭିକ ସେଂଟର ପରିସରରେ ସଭାପତି ଜଳଧର ମହାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୬ ତାରିଖ ଧନୁସଂକ୍ରାନ୍ତିଠାରୁ ଲକ୍ଷ୍ମୀ ନାରାୟଣ ପୂଜା ଆରମ୍ଭ ହେବା ସହ ୨୫ ତାରିଖରୁ ଧର୍ମଶାଳା ମହୋତ୍ସବ ଉଦଘାଟନ କରାଯିବାକୁ ସ୍ଥିର ହୋଇଛି। ଏହି ଅବସରରେ ଜାରକା ଲକ୍ଷ୍ମୀନରାୟଣ ପୁଜା ମଣ୍ଡପରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ମହୋତ୍ସବ ଉଦଘାଟନଠାରୁ ଉଦଯାପନ ପର୍ଯ୍ୟନ୍ତ ରାଜ୍ୟ ଓ ରାଜ୍ୟ ବାହାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏହି ବୈଠକରେ କମିଟିର ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଂଟନ କରାଯାଇଥିଲା। ଏଥିରେ କମିଟିର ଉପସଭାପତି ଇନ୍ଦ୍ରମଣି ନାୟକ, ସହ ସମ୍ପାଦକ ଆନନ୍ଦ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ ସ୍ୱାଇଁ ରାଜ କୁମାର ଶତପଥୀ,କିଶୋର ନାୟକ, ଅଜୟ କୁମାର ନାୟକ, ଜଳଧର ସାହୁ, ବିଚିତ୍ର ସ୍ୱାଇଁ, କ୍ଷିରୋଦ ମୁଦୁଲି, ରାମଚନ୍ଦ୍ର ମଲିକ, ଅନିରୁଦ୍ଧ ରାଉତ, ନିର୍ମଳ ପ୍ରଧାନ, ପୁର୍ଣ୍ଣଚନ୍ଦ୍ର ଶତପଥୀ, ଆକୁଳି ସ୍ୱାଇଁ, ରବିନାରାୟଣ ସାହୁ,ପ୍ରତାପ ପ୍ରଧାନ, ମନୋଜ ଦାସ, ମାନସ ମହାନ୍ତି, କାଶିନାଥ ସାହୁ, ମଦନ ନାୟକ, ସୁଦାମ ବେହେରା, ସବ୍ୟସାଚୀ ବେହେରା,ସବ୍ୟସାଚୀ ସୁନ୍ଦରରାୟ, ଧରଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଓ ଝରଣା ଦାସଙ୍କ ବିୟୋଗରେ ଶୋକ

ଧର୍ମଶାଳା (ପିଏନ୍): ଓଡିଆ ଭାଷା ସାହିତ୍ୟର ଗବେଷକ ତଥା ଅତିବଡି ଜଗନ୍ନାଥ ଦାସ ପୁରସ୍କାର ପ୍ରାପ୍ତ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ, ଓଡିଆ ଚଳଚିତ୍ର ଜଗତର ବର୍ଷିଆନ ଅଭିନେତ୍ରୀ ଝରଣା ଦାସ ଓ ବିଶିଷ୍ଟ ଔପନ୍ୟାସିକା ଗୀତା ହୋତାଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ପ୍ରଫେସର ଆଚାର୍ଯ୍ୟ ଓଡିଶା ସାହିତ୍ୟ ଏକାଦେମୀର ସର୍ବୋଚ୍ଚ ପୁରସ୍କାର ଅତିବଡି ଜଗନ୍ନାଥ ଦାସ, କେନ୍ଦ୍ର ସାହିତ୍ୟ ଏକାଦେମୀ ଓ ବହୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିଲେ। ତାଙ୍କ ରଚିତ ଗ୍ରନ୍ଥ ଗୁଡିକ ମଧ୍ୟରେ ସାହିତ୍ୟ ଓ ସାହିତ୍ୟିକ, ସ୍ରଷ୍ଟା ଓ ସୃଷ୍ଟି, ଓଡିଆ କାବ୍ୟ କୌଶଳ, ଓଡିଆ ଅସ୍ମିତା ସନ୍ଧାନ ଆଦି ୨୦ଟି ସମ୍ପାଦିତ ପୁସ୍ତକ ପ୍ରକାଶ ପାଇଛି। ସେହିପରି ଚଳଚିତ୍ର ଜଗତର ବର୍ଷିଆନ କଳାକାର ଝରଣା ଦାସଙ୍କ ବିୟୋଗରେ ଓଡିଆ ଚଳଚିତ୍ର ଜଗତରେ ଜଗତ ସ୍ତବ୍ଧ ହୋଇପଡିଛି। ସେହିପରି ବିଶିଷ୍ଟ ଔପନ୍ୟାସିକା ଗୀତା ହୋତାଙ୍କ ଲିଖିତ ମନବୀଣା ପୁସ୍ତକ ସମସ୍ତଙ୍କ ଆଦର ଲାଭ କରିଥିଲା। ତାଙ୍କ ସମ୍ପାଦନାରେ ଅମୃତାୟନ ପରି ଏକ ପତ୍ରିକା ଦୀର୍ଘ ୫୦ ବର୍ଷ ଧରି ଚାଲିଆସିଛି। ଏମାନଙ୍କ ବିୟୋଗରେ ଓଡିଶା ସାହିତ୍ୟ ଜଗତ ଓ ଚଳଚିତ୍ର ଜଗତରେ ଅପୁରଣୀୟ କ୍ଷତି ଘଟିଲା ବୋଲି ଧର୍ମଶାଳା ଅଂଚଳର ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମତପ୍ରକାଶ ପାଇଛି। ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା, ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ପ୍ରଫେସର ବିଜୟ କୁମାର ଶତପଥୀ, ଧର୍ମଶାଳା ସାହିତ୍ୟ ସମାଜର ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ତୁହିନାଂଶୁ ରଥ, ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ଶୁଭ ସକାଳର ଉପସଭାପତି ମିନତୀ ସାହୁ, ପୂର୍ବତନ ସାଂସଦ ରୀତା ତରାଇ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଶକ୍ତି ଉତ୍ତୋଳନରେ ପ୍ରଭାକରଙ୍କୁ ସ୍ୱର୍ଣ୍ଣ



ଫୁଲନଖରା (ପିଏନ୍)-ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସଦର ଥାନା ଆମଣ ପଞ୍ଚାୟତ ଅନ୍ତର୍ଗତ ଅଡ଼ାଳିଆ ଗ୍ରାମର ପ୍ରଭାକର ସେଠୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରାୟଗଡ଼ାଠାରେ ଅନୁଷ୍ଠିତ ପ୍ରଥମ କଳିଙ୍ଗ ଓପନ ଭାରୋତ୍ତୋଳନ ଚମ୍ପିଆନସିପରେ ପ୍ରଭାକର ଚମତ୍କାର ପ୍ରଦର୍ଶନ କରି ମାଷ୍ଟର୍ସ ବିଭାଗରେ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟରୁ ଦୁଇଶହ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହା ପୂର୍ବରୁ ପ୍ରଭାକର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ସଫଳତା ପାଇଁ ଆମଣ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ସୁଭାସୀନି ସେଠୀ, ଗୁରୁ ରୁଦ୍ରନାରାୟଣ ସାହୁ, ବିଚିତ୍ରାନନ୍ଦ ନାୟକ, ସୌମ୍ୟ, ଆକାଶ, ରାକେଶ, ଅଭୟ, ରୋନିତ ଓ ରକି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ପୂର୍ବ ଶତ୍ରୁତାକୁ ନେଇ ମାରପିଟ୍, ୩ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କମ୍ପାଲୁ ଓ ମଙ୍ଗରାଜପୁର ଗ୍ରାମର ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘଟିଥିବା ଗଣ୍ଡଗୋଳ ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ କମ୍ପାଲୁ ଗ୍ରାମର କୃପାସିନ୍ଧୁ ସାହୁ ଓ ଲକ୍ଷ୍ମୀଧର ସାହୁଙ୍କ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୬ ତାରିଖରେ ଗଣ୍ଡଗୋଳ ଘଟି ଉଭୟ ପରିବାରରୁ ୮ଜଣ ଆହତ ହୋଇଥିଲେ। ଏନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଆଧାରକରି ପୁଲିସ ୩୫୨/୨୨ ଓ ୩୫୩/୨୨ରେ ଦୁଇଟି କେଶ ରୁଜୁ କରି ତଦନ୍ତ ଚଳାଇବା ସହ ଏହି ଘଟଣାରେ ପୁଲିସ ମଙ୍ଗରାଜପୁର ଗ୍ରାମର ଲକ୍ଷ୍ମୀଧର ସାହୁ (୬୦), ଜଗବନ୍ଧୁ ସାହୁ (୩୦) ଓ କମ୍ପାଲୁ ଗ୍ରାମର କୃପାସିନ୍ଧୁ ସାହୁ (୪୫)ଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଜେନାପୁର ଥାନା ଏସଆଇ ସୌମ୍ୟରଂଜନ ଭୋଳ ସୂଚନା ଦେଇଛନ୍ତି।




# ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଫୁଲନଖରା,(ପି.ଏନ): ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଥିବା ସେଣ୍ଟ ଜାଭିୟର ହାଇସ୍କୁଲର ୧୦ମ ବାର୍ଷିକ ଉତ୍ସବ ଉଦଯାପିତ ହୋଇଛି । ଅଧକ୍ଷ ରମାକାନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ସଭାରେ ନିଆଳି ବିଧାୟକ ପ୍ରଫେସର ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ା,ଖେଳ କୁଦ ସହ ଉତ୍ତମ ଚରିତ୍ର ଗଠନ କରିବାପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ଜାଭିୟର ଗ୍ରୁପ ଅଫ ସ୍କୁଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହିମାଂଶୁଭୂଷଣ ତ୍ରିପାଠୀ, ସମ୍ମାନିତ ଅତିଥି ଡ଼ଃ ଶକ୍ତିପ୍ରସାଦ ମହାନ୍ତି, ସତ୍ୟଶିବ ଶଙ୍କର କର, ବିଦ୍ୟାଳୟର ସଂପାଦିକା




ଜସ୍ମିନ ବେଗମ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ପ୍ରିୟଙ୍କା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଶିକ୍ଷୟିତ୍ରୀ ପ୍ରଭାତି ଲେଙ୍କା ଧନ୍ୟବାଦ ଦେଇଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବଲାଙ୍ଗିର ଜାଲ୍ ସାର୍ଟିଫିକେଟ ମାମଲା : ତଦନ୍ତ ପାଇଁ ଆଜି ଆସିବ କ୍ରାଇମବ୍ରାଂଚ ଟିମ୍

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ଜାଲ୍ ସାର୍ଟିଫିକେଟ ମାମଲାରେ ରାଜ୍ୟ ସରକାରଙ୍କ କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ ପରେ ଆଜି କ୍ରାଇମବ୍ରାଂଚର ଏକ ଟିମ୍ ବଲାଙ୍ଗିର ଆସିବ । ମାମଲାରେ ୧୯ ଜଣଙ୍କୁ ଗିରଫ କରାଯାଇଥିଲା । ରିଲାଏନ୍ସ ଏଜୁକେସନାଲ କମ୍ପ୍ଲେକ୍ସର ମାଲିକ ତଥା ଜାଲ୍ ସାର୍ଟିଫିକେଟ ରାକେଟର ମୁଖ୍ୟ ଅଭିଯୁକ୍ତ ମନୋଜ କୁମାର ମିଶ୍ର ଏବଂ ତା'ର ସହଯୋଗୀ ଆଲୋକ ଉଦ୍‌ଗାତାଙ୍କ ସମେତ ୧୯ ଜଣଙ୍କୁ ଗିରଫ କରିଥିଲା ବଲାଙ୍ଗିର ପୋଲିସ । ଚଢ଼ଉ ବେଳେ ସମ୍ପୃକ୍ତ ସଂସ୍ଥାରୁ ୧ ହଜାରରୁ ୫ ହଜାର ନକଲି ସାର୍ଟିଫିକେଟ ଜବତ ହୋଇଥିଲା । ଏଥିସହିତ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଜାଲ୍ ସାର୍ଟିଫିକେଟ ରାକେଟ ସକ୍ରିୟ ଥିବା ଜଣାପଡିଛି । ବଲାଙ୍ଗିରରେ କ୍ରାଇମବ୍ରାଂଚର ଏହି ଟିମ୍ ପହଂଚିବା ପରେ ଜାଲ୍ ସାର୍ଟିଫିକେଟ ବାବଦରେ ଅଧିକ ଖୋଳତାଡ଼ କରିବ ବୋଲି ଜଣାପଡିଛି । ଏଠାରେ ଉଲ୍ଲେଖଯୋଗ୍ୟ, ନିକଟରେ ବଲାଙ୍ଗିର ଜିଲ୍ଲାରେ ଡାକଘରେ ନିଯୁକ୍ତି ପ୍ରକ୍ରିୟାରେ ସାର୍ଟିଫିକେଟ ଭେରିଫିକେସନ ବେଳେ ଦୁଇ ଜଣଙ୍କୁ ଧରିଥିଲେ ବଲାଙ୍ଗିର ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ରାଜେନ୍ଦ୍ର କୁମାର ପଟ୍ଟନାୟକ ।

# ‘ସାମାଜିକ ପ୍ରଜ୍ଞା ବା କମନ୍ ସେନ୍ସ’ ବିଜେପି ଦଳରେ ନାହିଁ କି କଂଗ୍ରେସରେ ନାହିଁ : ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ

ଭୁବନେଶ୍ୱର ,(ପି.ଏନ): ଯଥାର୍ଥ ରାଜନୈତିକ ନେତୃତ୍ୱ ଓ ସାମାଜିକ ପ୍ରଜ୍ଞା ଅଭାବରୁ ୭୫ ବର୍ଷ ର ସ୍ୱାଧୀନତା ପରେ ବି ଭାରତରେ ଜାତିଗତ, ଧର୍ମଗତ ଘୃଣାଭାବ ଓ ଭେଦଭାବ ଭରି ରହିଛି । ଏହା ପ୍ରେମ ବିବାହ କ୍ଷେତ୍ରରେ ବିଶେଷ ପ୍ରତିଫଳିତ ହେଉଛି । ଯୁବକଯୁବତୀଙ୍କ ପ୍ରେମବିବାହକୁ ଭାରତୀୟ ଜନତା ପାର୍ଟିର ଗୁଜରାଟ ବିଧାନସଭାର ବିଧାୟକ ମି. ଫତେସିଂହ ଚୌହାନ ଓ ସେହି ବିଧାନସଭାର କଂଗ୍ରେସ ଦଳର ବିଧାୟିକା ମାଡ଼ାମ୍ ଗେନିବେନ୍ ଠାକୁର୍ ଗତ ମାର୍ଚ୍ଚ ମାସ ୧୭ ତାରିଖରେ ନିଜ ନିଜ ବକ୍ତବ୍ୟରେ ଦର୍ଶାଇଛନ୍ତି । ସେମାନେ ଉଭୟ କଣ୍ଠକୁ କଣ୍ଠ ମିଳାଇ କହିଛନ୍ତି ଯେ ପ୍ରେମବିବାହ କ୍ଷେତ୍ରରେ ପ୍ରେମିକପ୍ରେମିକା ସେମାନଙ୍କ ପିତାମାତାଙ୍କ ଠାରୁ ଲିଖିତ ଅନୁମତି





ପତ୍ର ଆଣିବାକୁ ବାଧ୍ୟତାମୂଳକ କରାଯାଉ । ଦ୍ୱିତୀୟତଃ ସେମାନେ ଅନ୍ୟ ଏକ କଟକଣା ରହୁ ବୋଲି ଦାବି କରିଛନ୍ତି । ତାହା ହେଲା: ମ୍ୟାରେଜ୍ ରେଜିଷ୍ଟ୍ରେସନ ପ୍ରେମିକାଙ୍କ ଘର ଯେଉଁ ସବ୍‌ଡ଼ିଭିଜନରେ ଅଛି ସେଠାରେ ହିଁ କରାଯାଉ । ନଚେତ୍ ପ୍ରେମିକଙ୍କ ଘର ଥିବା ସବ୍‌ଡ଼ିଭିଜନରେ କରାଯିବା ଉଚିତ । ଏପରି କଟକଣା ନରହିଲେ ଯେଉଁ ଯେଉଁ ଜାତିର ଲୋକଙ୍କୁ ଧରି ଏହି ବିଧାୟକ ଦ୍ୱୟ ଯେଉଁ ଯେଉଁ ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇ ଆସୁଛନ୍ତି ତାହା ଆଉ ସମ୍ଭବପର ହେବ ନାହିଁ । ପ୍ରେମବିବାହ ଅଧିକ ବଳବତ୍ତର ହେଲେ ସେମାନେ ଆଉ ବିଧାନସଭାକୁ ନିର୍ବାଚିତ ହୋଇ ଆସିପାରିବେ ନାହିଁ । ଏପରି କଦର୍ଯ୍ୟ ଆଶଙ୍କାରେ ବଶବର୍ତ୍ତୀ ହୋଇ ବିଜେପିର ଫତେସିଂହ ଚୌହାନ ମହାଶୟ ଏବଂ କଂଗ୍ରେସ ଦଳର ଗେନିବେନ ଠାକୁର ମହୋଦୟା ପ୍ରେମବିବାହକୁ ଭଣ୍ଡୁର କରିବା ପାଇଁ ଅଜବ କଟକଣା ରହୁବୋଲି ଦାବି କରିଛନ୍ତି । ଜାତିପ୍ରଥାର ବିଲୋପନ ପାଇଁ ପ୍ରେମବିବାହ ଶତକଡ଼ା ୧୦୦ ଭାଗ ରହିବା ନିହାତି ଦରକାର । ପିତାମାତାଙ୍କ ଚିନ୍ତାଧାରା ଜାତିପ୍ରଥା ମଧ୍ୟରେ ସୀମିତ ଓ ଆବଦ୍ଧିତ । ସେମାନେ କଷ୍ମିନ୍ କାଳେ ଆଂଟିକାଷ୍ଟ ମ୍ୟାରେଜ୍ ସପକ୍ଷରେ ସମର୍ଥନ ଦେବେ ନାହିଁ । ସଠିକ୍ ସାମାଜିକ ପ୍ରଜ୍ଞା ନଥିବାରୁ ବିଜେପି ବିଧାୟକ ଓ କଂଗ୍ରେସର ବିଧାୟିକା ନିଜ ନିଜର ରକ୍ଷଣଶୀଳ ମନୋଭାବ ପ୍ରକଟ କରିଛନ୍ତି । ଏହା ଦର୍ଶାଇଦେଉଛି ଯେ କଂଗ୍ରେସ ଦଳର ନେତା ରାହୁଳ ଗାନ୍ଧି ଓ ବିଜେପିର ତୁଙ୍ଗ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବିଶେଷ କିଛି ଫରକ ନାହିଁ । ଭାରତୀୟ ଜନତା ପାର୍ଟି (ବିଜେପି) ଗୋଟିଏ ଜାତୀୟ ରାଜନୈତିକ ଦଳ । ସେପରି କଂଗ୍ରେସ ଦଳ ମଧ୍ୟ ଏକ ସର୍ବଭାରତୀୟ ଦଳ । ଏହି ଦୁଇ ଦଳର ସାମାଜିକ ତଥା ରାଜନୈତିକ ସମତର-ଭିତ୍ତିକ ଦୂରଦୃଷ୍ଟି ନାହିଁ । ଏ ଉଭୟ ଦଳ ଅନ୍ଧବିଶ୍ୱାସ, ଅନ୍ଧପରମ୍ପରା ଓ ଜାତିଗତ ଭେଦଭାବ ମଧ୍ୟରେ ଛନ୍ଦି ହୋଇ ରହିଛନ୍ତି । ସେମାନେ ମଧ୍ୟଯୁଗୀୟ ସାମାଜିକ ରାସ୍ତାରୁ ହଟିଆସିବା ପାଇଁ ଚାହୁଁ ନାହାନ୍ତି । ସେମାନଙ୍କ ଦୃଷ୍ଟିଭଂଗୀ ତୁରନ୍ତ ବଦଳିବା ଦରକାର । ନଚେତ୍ ୧୯୩୬ ମସିହାରେ ଜାତିପ୍ରଥାର ନିର୍ମୂଳନ ପାଇଁ ବାବା ସାହେବ ଡ଼.ଭୀମରାଓ ରାମଜୀ ଆମ୍ବେଦକର ଯେଉଁ ବିଚାରଧାରା ଦେଶବାସୀଙ୍କ ସମ୍ମୁଖରେ ରଖିଥିଲେ ତାହା ଆଦୌ ପୁର୍ଣ୍ଣତା ଲାଭ କରି ପାରିବ ନାହିଁ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆର ଜେନେରାଲ୍ ସେକ୍ରେଟାରୀ ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି । ସେ ମଧ୍ୟ ଜଣାଇଛନ୍ତି ଯେ, ପ୍ରେମବିବାହ ପାଇଁ ସହଜସାଧ୍ୟ ପଥ ପରିଷ୍କାର ଭାବେ ରହିବା କଥା । ଯେଉଁ ଯୁବକଯୁବତୀଙ୍କ ବୟସ ୧୮+ ହୋଇଛି ସେମାନେ ସ୍ୱାଧୀନ ଭାବରେ ଭୋଟ ଦେଉଛନ୍ତି । ସେମାନଙ୍କ ପ୍ରେମସଂପର୍କକୁ ବାଏଁ ବାଏଁ ଉଡ଼ାଇ ଦେବାପାଇଁ କଂଗ୍ରେସ ଦଳର ବିଧାୟିକା ଓ ବିଜେପି ଦଳର ବିଧାୟକ ଗୁଜରାଟ



ବିଧାନ ସଭାରେ ଯୁକ୍ତି କରିବା ଶତ ପ୍ରତିଶତ ନିନ୍ଦନୀୟ । ବିବାହ ର ପଥକୁ ଜଟିଳରୁ ଜଟିଳତର କରିବା ଉଦ୍ଦେଶ୍ୟ ହେଉଛି ସମାଜରେ ଅଧିକରୁ ଅଧିକ ଅନରକିଲିଂଗ୍ ଘଟିବ ବା କେତେକ କ୍ଷେତ୍ରରେ ପିତାମାତାଙ୍କ ଜୀବନ ପ୍ରେମିକାପ୍ରେମିକାଙ୍କ ହାତରେ ହିଁ ଯିବ । ପ୍ରେମବିବାହ ପାଇଁ ଭାରତୀୟ ସମାଜରେ ଏଲୋପମେଣ୍ଟ ବା ଦ୍ରୁତ ପଳାୟନ ପନ୍ଥା ଅତ୍ୟନ୍ତ ଜରୁରୀ । ପ୍ରେମିକା ବାପାମାଆଙ୍କ ଅନୁମତୀ ନେବା ପାଇଁ ଚେଷ୍ଟା କରିବା ମାନେ ମାଡ଼ ଖାଇ ଖାଇ ପ୍ରାଣ ହରାଇବା କଥା । ୫-ଜି ମୋବାଇଲ୍ ଯୁଗ ଆସିଥିବା ବେଳେ,



ପାଠପଢ଼ାର ଅଧିକ ରୁ ଅଧିକ ସୁଯୋଗ ସରକାରଙ୍କ ପକ୍ଷରୁ ସୃଷ୍ଟି ହେଉଥିବା ବେଳେ, ରାସ୍ତାଘାଟ ଓ ଗମନାଗମନର ନାହିଁ ନଥିବା ଉନ୍ନତି ଘଟିଥିବା ବେଳେ ପିତାମାତାଙ୍କ ହାତରେ ଯୁବକଯୁବତୀଙ୍କ ବିବାହ ରଖାଯାଇ ପାରିବ ନାହିଁ । ଯଥାର୍ଥ ସାମାଜିକ ପରିବର୍ତ୍ତନ ପାଇଁ ସରକାର ପ୍ରତି ପଂଚାୟତ ସ୍ତରରେ ସାରା ଦେଶରେ ପ୍ରେମବିବାହ କେନ୍ଦ୍ର ପ୍ରତିଷ୍ଠା କରନ୍ତୁ ବୋଲି ଏଫ୍‌ପିଆଇ ଜେନେରାଲ୍ ସେକ୍ରେଟାରୀ ମିଷ୍ଟର ଭୋଲ୍‌ଟେୟାର ଦାବି କରିଛନ୍ତି । ଏଥି ସହିତ ସେ ଉଲ୍ଲେଖ କରିଛନ୍ତି ଯେ ୨୦୧୮ ମାର୍ଚ୍ଚ ମାସ ୮ ତାରିଖରେ ସୁପ୍ରିମ୍‌କୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି ଜଣାଶୁଣା କେରଳ ହାଦିଆ କେସରେ ସ୍ପଷ୍ଟଭାବେ ସୂଚାଇଛନ୍ତି ଯେ ୧୮ ଅତିକ୍ରମ କରିଥିବା ଯୁବତୀଙ୍କ ଶରୀର ଉପରେ ସେହି ସଂପୃକ୍ତ ଯୁବତୀ ହିଁ ମାଲିକ । ଅର୍ଥାତ୍ ତାଙ୍କ ବିବାହ କ୍ଷେତ୍ରରେ ମାନ୍ୟବର ସୁପ୍ରିମ୍‌କୋର୍ଟ ପିତାମାତାଙ୍କ ଭୂମିକାକୁ ସଂପୂର୍ଣ୍ଣ ଅକାମି କରିଦେଇଛନ୍ତି ।

# ଧର୍ମପ୍ରାଣା ଭାନୁମତୀ ସାହୁଙ୍କ ପରଲୋକ

ଫୁଲନଖରା, (ପି.ଏନ): ବାରଙ୍ଗ ବ୍ଲକ ଉଷୁମା ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣ ଉଷୁମା ଗ୍ରାମର ଧର୍ମପ୍ରାଣା ଭାନୁମତୀ ସାହୁଙ୍କ (୯୨) ପରଲୋକ ହୋଇଛି । ସେ ଜଣେ ସ୍ନେହୀ,ପରୋପକାରୀ ଓ ବନ୍ଧୁ ବତ୍ସଳ ଥିଲେ । ତାଙ୍କ ପରଲୋକ ଖବର ପାଇ ଆଧାତ୍ମିକ ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଜୀ , ପଣ୍ଡିତ ଅଜୟ କୁମାର ପତି, କଟକ ସଦର ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଅଜୟ କୁମାର ଦାଶ, ରାଜକିଶୋର ବେହେରା, ପ୍ରଧାନ ଶିକ୍ଷକ ଚନ୍ଦ୍ରମଣୀ ପ୍ରଧାନ, କୈଳାସଚନ୍ଦ୍ର ସାହୁ, ବିଶ୍ୱରଂଜନ ଦାସ, ସାମ୍ବାଦିକ ଲଳିତକୁମାର ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ନାତି ତଥା ସାମ୍ବାଦିକ ଧିରେନ୍ଦ୍ର ସାହୁଙ୍କ ସମେତ ତିନି ପୁଅ , ବୋହୂ , ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ବଡ଼ ପୁଅ ରବିନ୍ଦ୍ର କୁମାର ସାହୁ ମୁଖାଗ୍ନି ଦେଇଥିଲେ ।

# ବାଞ୍ଝ



ସୁଚରିତା ମହାନ୍ତି

କଥାରେ ଅଛି-- ଦୁହିତା ଦୁଇ କୁଳକୁ ହିତା । ଝିଅ ଟିଏ ଯେ ପର୍ଯ୍ୟନ୍ତ ତା ବାପ ଘରେ ଥାଏ କେତେ ଗେଲ ବସରରେ ବଢ଼ି ଥାଏ । ଧୂଳି ମାଟି ରେ ତିଆରି କରୁଥିବା ଛୋଟ ଝିଅ ଟିର ଘର ହଠାତ୍ ଭାଙ୍ଗି ଯାଏ ସେ କେତେବେଳେ ବଡ଼ ହୋଇଯାଏ ଜଣା ପଡ଼େନି । କଞ୍ଚା ମାଟିର କଣ୍ଢେଇଟି ଧୀରେ ଧୀରେ ସଂସାର ଝାସ ପାଇ ଶକ୍ତ ହୋଇ ଉଠେ । ଯୌବନର ପହିଲି ସ୍ୱର୍ଶରେ ସେ ଯାବତୀୟ ଅନାବନା ସ୍ୱପ୍ନ ଦେଖେ । ମା' ବୁଢ଼ୀମା ଏବଂ ଅନ୍ୟ ମାନେ ବିଭିନ୍ନ ପ୍ରକାରର ସଣ୍ଣା ସହିତ ଶୃଙ୍ଖଳିତ ଜୀବନର ଅନେକ ମାର୍ଗ ଶିଖାଇ ଥାନ୍ତି, ଯେପରିକି ଝିଅଟି ଭବିଷ୍ୟତ ରେ କୌଣସି ପ୍ରକାର ର ଅସୁବିଧାର ସମ୍ମୁଖୀନ ନହେବ । ଶାନ୍ତି, ଶୃଙ୍ଖଳା, ଧୈର୍ଯ୍ୟ କୁ ସାଥୀ କରି ଜୀବନ ନୌକା ବାହିନେବ । ପାଠପଢ଼ା ସହିତ ଘର ର କାମ ଶିଖିଥିଲେ ଯେତେବେଳେ ଝିଅଟିଏ ତା ଶାଶୁ ଘର କୁ ଯିବ ସମସ୍ତଙ୍କ ସହିତ ମିଳିମିଶି ଚଳିବ, ସମସ୍ତଙ୍କ ସହିତ ସୁସମ୍ପର୍କ ରଖିପାରିବ ସମସ୍ତଙ୍କ ମନ ନେଇ କାମ କରିପାରିବ ଦେଲେ ଯାଇ ଉତ୍ତମ ବୋହୂ ରୂପେ ବା ନିଜକୁ ସୁଗୃହିଣୀ ଭାବେ ପରିଚିତ କରିପାରିବ । ଦୁଇଟି ପରିବାର ମଧ୍ୟରେ ନିଜକୁ ଖାପ ଖୁଆଇ ଚଳି ପାରିଲେ ଦୁହିତା ଜୀବନ ସାର୍ଥକ ହୋଇଥାଏ । ଝିଅଟି ବିବାହ ପରେ ଯେତେବେଳେ ମାତୃତ୍ୱ ଲାଭକରେ ସେ ପୁନର୍ଜନ୍ମ ପାଏ । ଗର୍ଭସ୍ଥ ସନ୍ତାନ ନୂଆ ଏକ ପରିଚୟ ଦିଏ ମା' ରୂପରେ । ସନ୍ତାନ ପ୍ରାପ୍ତି ସୁଖରେ ଝିଅଟି ହରେଇବସେ ନିଜର ଦୁଖସୁଖ । ସନ୍ତାନ ର ଅଳି ଅଝଟ ଏବଂ ଶାଶୁ ଘର ର ସ୍ୱାର୍ଥ ରେ ନିଜକୁ ସମର୍ପି ଦିଏ ସାରା ଜୀବନ ।ସେ ଭୁଲି ଯାଏ ନିଜେ ଗୋଟିଏ ମଣିଷ ନିଜର ଗୋଟିଏ ରକ୍ତ ମାଂସ ର ଶରୀର ଅଛି ବୋଲି । ନିଜ ପରିବାର ସହିତ ଏତେ ନିବିଡ଼ ସଂପର୍କରେ ବାନ୍ଧି ହୋଇଯାଏ ଯେ,ଆଉ କିଛି ସେ ଭାବି ପାରେନି । କାଳକ୍ରମେ ସନ୍ତାନ ବଡ଼ ହୁଏ ।ମା' ସ୍ୱର୍ଗର ଜହ୍ନ ପାଇଲା ପରି ଆଦରି ସନ୍ତାନ ସୁଖ ପଛରେ ଧାଇଁ ଥାଏ ଅହରହ ।ପିଲାର କ'ଣ ଟିକିଏ ଆଘାତ ଲାଗିଲେ ବ୍ୟତିବ୍ୟସ୍ତ ହୋଇପଡ଼େ । କେତେ ଦିଅଁ ଦେବତା ଙ୍କୁ ଡାକି ମାନସିକ କରି ପକାଏ । ନିଜ ସଂସାର ବ୍ୟତୀତ ଆଉ ଗୋଟିଏ ବାହାର ଦୁନିଆ ଅଛି ବୋଲି ଏକଥା ତା ହୃଦୟ ରୁ ସମ୍ପୂର୍ଣ୍ଣ ପାଶୋରି ଦେଇଥାଏ । ଏହାହିଁ କ'ଣ ସଂସାର ର ନିୟମ ! କେତେବେଳେ ସମୟ ସରି ସରି ଆସୁଥାଏ ଜଣା ପଡ଼େନା କିଛି ।

ପିଲାର ପାଠପଢ଼ା, ଚାକିରି, ବାହାଘର ସବୁ ଧୀରେ ଧୀରେ ଗୋଟେ ପରେ ଗୋଟେ ସରି ଯାଉଥାଏ ।

ନୂଆ ବୋହୂ ଟିଏ ଆସେ ଯେମିତି ସେ ଦିନେ ବୋହୂ ହୋଇ ଏ ଘରର ଏରୁଣ୍ଡି ଡେଇଁ ଆସିଥିଲା ନୂଆ ଏକ ସଂସାର ମୋହରେ ! ଠିକ୍ ସେମିତି ତା'ର ପୁଅ ଆସେ ନୂଆ ବୋହୂ କୁ ସାଥୀ ରେ ସଂସାର ଗଢ଼ିବାକୁ । ଘର ର ଦାୟୀତ୍ୱ ଏବେ ପୁଅ ହିଁ ବହନ କରିବେ ।ମନରେ କେତେ କେତେ ଆଶା ପାହାଡ଼ ପରି ବସା ବାନ୍ଧି ରହିଥାନ୍ତି । ବୋହୂ ଆସିଲେ ଏମିତି ହେବ ସେମିତି ହେବ ହେଲେ ହୁଏ କ'ଣ !

ଆଶା କେବଳ ଆଶାରେ ହିଁ ମରିଯାଏ । ସ୍ୱପ୍ନ ସବୁ ଭାଙ୍ଗି ରୁଜି ଚୁର୍ ମାର୍ ହୋଇଯାଏ ।

ବୋହୂ ଆଉ ଶାଶୁ ଭଳି ଚଳି ପାରେନି । ଚାଲି ଚଳନ ଭାବଢଙ୍ଗ ସବୁ ଅଲଗା । କଥା କହିଲେ ମହାଭାରତ ଅସୁଦ୍ଧ । ବଡ଼ ଙ୍କୁ ସମ୍ମାନ ନା ସାନ ମାନଙ୍କୁ ଆଦର । ହୁଁ କଥା ରେ କାହିଁ ରେ କ'ଣ । ସେଠି ଶାଶୁ ଶ୍ୱଶୁର କଥା ପଚାରେ କିଏ ? ବେଳ ଥିଲା କେତେବେଳେ କ'ଣ ହେଉଥିଲା । ଏବେ ଆଉ ସେ ଦୁହିତା କଥା ପଚାରେ କିଏ ।ନିଜେ ବଞ୍ଚିଲେ ବାପର ନାଁ । ଶାଶୁ ଶ୍ୱଶୁର ଅଲୋଡ଼ା ହୋଇଯାନ୍ତି । ସ୍ୱାମୀ ସହିତ ଆନନ୍ଦ ଉଲ୍ଲାସରେ ଦିନ ବିତେ । ଶାଶୁ କି ଶ୍ୱଶୁର ଙ୍କ ପାଇଁ ନଥାଏ ଭକ୍ତି କି ଆଦର । ସବୁଥିରୁ ବଞ୍ଚିତ ରହି ଜୀବନ ଜିଇଁବା ରେ ତିଳେ ମାତ୍ର ନଥାଏ ଲୋଭ । ଦୁଃସହ ହୋଇପଡ଼େ ପ୍ରତିଟି ମୁହୂର୍ତ୍ତ ।ସବୁ ସୁଖ ସ୍ୱାହା ହୋଇ ଯାଏ । ଅନୁତାପ ର ଶେଯରେ ଶୋଇ ନିଜ କୁ ଧିକ୍କାରିବା ଛଡ଼ା ଆଉ କିଛି ଉପାୟ ନଥାଏ ।

କାହାକୁ କହିବ ଘର କଥା ମନର କଥା କିଏ ଥାଏ ଶୁଣିବାକୁ ନା ବୁଝିବା କୁ । ଆପଣା ସୁନା ଭେଣ୍ଡି ହେଲେ... ! ତଥାପି ବୈ ସାହା ! ଦିନ ପରେ ଦିନ ମାସ ବର୍ଷ ସବୁ ତାଙ୍କ ବାଟରେ ଦୁଖ ନୈରାଶ୍ୟ ତାଙ୍କ ବାଟରେ ଚାଲିଥାନ୍ତି ।

ବେଳକୁ ବେଳ ଅତିଷ୍ଠ ହୁଏ ଯନ୍ତ୍ରଣା । ଘର କୋଣରେ ରହୁଥିବା ମା' ଟିଏ ବାପା ଟିଏ ଅତ୍ୟାଚାର ଶିକାର ହୋଇ ଓହ୍ଲେଇ ଆସନ୍ତି ରାଜରାସ୍ତାକୁ ।ଆଦରି ନିଅନ୍ତି ଜରାଶ୍ରମ । ପେଟର ଭୋକ ମନ ଓ ହୃଦୟର କୋହ ରକ୍ତ ହୋଇ ଝରିପଡ଼େ ଭାଗ୍ୟର ବଡ଼ ଦାଣ୍ଡରେ ।

ଯେଉଁ ମା' ଦିନେ ପୁଅ ଦେହରେ ଧୂଳି ଚିମୁଟେ ଲାଗିବାକୁ ଦେଇନଥିଲା ସେ ମା' ଭୂଇଁ ରେ ଲୋଟେ ଜରାଜୀର୍ଣ୍ଣ ଅବସ୍ଥାରେ । କେତେ ଦିଅଁମାନଙ୍କୁ ପୂଜି ସନ୍ତାନ ପ୍ରାପ୍ତି ର ମାନେ କ'ଣ !

କାହାକୁ ଦୋଷ ଦେବ ଭାଗ୍ୟ ନା ସମୟ କୁ ! ଆଶୀର୍ବାଦ ର ହାତ ଟି ପାଲଟି ଯାଏ ଅଭିଶାପ । ପାଟିରୁ ଅସ୍ପଷ୍ଟ ଭାବେ ବାହାରି ପଡ଼େ ଏମିତି ପୁଅ କାହାକୁ ନମିଳୁ । ସବୁଠାରୁ ଭଲ ବାଞ୍ଝ ଜୀବନ ।

ବାଞ୍ଝ କେଡ଼େ ନିଷ୍ଠୁର ଶବ୍ଦ ଟିଏ ତୁଣ୍ଡରୁ ବାହାରି ଆସେ ଅତି ସହଜରେ ।

ବାଞ୍ଝ ନାରୀ ସମାଜ ରେ ବଞ୍ଚି ରହେ କେତେ କେତେ ଲାଞ୍ଛନା ସହି ସହି । ସନ୍ତାନ ନଥିବାରୁ କୌଣସି ଶୁଭକାମରେ ତା'ର ଉପସ୍ଥିତି କୁ ସମସ୍ତେ ବାରଣ କରନ୍ତି,ଅଶୁଭ ମାନନ୍ତି କିନ୍ତୁ ସନ୍ତାନ ପ୍ରାପ୍ତି ପରେ ବି ଯଦି ଏମିତି ସନ୍ତାନ ମିଳନ୍ତି ପ୍ରତି ମୁହୂର୍ତ୍ତରେ ବାପାମାଆ ମାନଙ୍କୁ ସୁସ୍ଥ ମାନସିକତା ନେଇ ବଞ୍ଚିରହିବାର କୌଣସି ସୁବିଧା ନ ମିଳେ ତା'ହେଲେ ଆଶୀର୍ବାଦ ଟା ଅଭିଶାପ ପାଲଟି ଯାଏ ।

ଯେଉଁ ପୁଅ ମା' ପଣତର ମୋହ ପାଶୋରି ଦିଏ ସେ କ'ଣ ବୁଝିବ ମା' ଶବ୍ଦ ର ଅର୍ଥ ।ନିଜ ସ୍ତ୍ରୀ କଥାରେ ଗୁଲାମ ସାଜୁଥିବା ପୁଅ ଭୁଲିଯାଏ ନିଜର ସଂସ୍କାର । ଭବିଷ୍ୟତରେ ସେମାନେ ବି ଦିନେ ଏମିତି ବାପାମା ହେବା ପରେ ସେମାନଙ୍କ ପୁଅ ଝିଅ ଯଦି ଏମିତି ବ୍ୟବହାର କରନ୍ତି ତା'ହେଲେ କ'ଣ ହେବ । କି ଶିକ୍ଷା ଦେବେ ତାଙ୍କ ପିଲାମାନଙ୍କୁ ।ସ୍ୱାର୍ଥ ମଣିଷ କୁ ଏତେ ତଳକୁ ନେଇଯାଏ ଯେ ସେମାନେ ଭଲମନ୍ଦ ର ବୁଝିବା ଶକ୍ତି ହରେଇ ବସନ୍ତି । ଆଖି ଥାଇ ଅନ୍ଧ ଭଳି ବ୍ୟବହାର କରନ୍ତି । ସମସ୍ତେ କହନ୍ତି ଘୋର କଳିଯୁଗରେ ପିଲାମାନେ କାଳେ ଏମିତି ହେଉଛନ୍ତି । କେହି କାହାକୁ ବୁଝିବା କୁ ନାରାଜ ଶୁଣିବା କୁ ନାରାଜ । ଧନ ସମ୍ପତ୍ତି ର ଲୋଭ ବିବେକକୁ ସତରେ କ'ଣ ନଷ୍ଟ କରିଦିଏ !! ସନ୍ତାନ ଅବାଧ ହେଲେ, ଶେଷରେ ମା' ଟିଏ କହିବା ପାଇଁ ବାଧ୍ୟ ହୁଏ ବରଂ ବାଞ୍ଝ ହେବା ଭଲ !!

ମାହାଙ୍ଗା, କଟକ

ମୋ : ୮୯୧୭୫୭୧୨୦୨




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Monday April 03, 2023 ଭୁବନେଶ୍ୱର ସୋମବାର, ଅପ୍ରେଲ ୦୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# କିଟ୍ ଓ କିସ୍ ପକ୍ଷରୁ ଉତ୍କଳ ଦିବସ ପାଳିତ



ଭୁବନେଶ୍ୱର,(ପି.ଏନ): କିଟ୍ ଓ କିସ୍ ପକ୍ଷରୁ ୮୮ତମ ଉତ୍କଳ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ କିଟ୍ ଓ କିସ୍ ପକ୍ଷରୁ ଉତ୍କଳର ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କିସ୍ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ, ଆଜକୁ ୮୮ବର୍ଷ ତଳେ ଓଡ଼ିଶା ପ୍ରଥମ ଭାଷା ଭିତ୍ତିକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା। ଏହାରି ଭିତରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିଥିବା ବେଳେ ଏଥିରେ କିଟ୍ ଓ କିସ୍‌ର ମଧ୍ୟ ଯୋଗଦାନ ରହିଛି ବୋଲି ସେ କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶହେବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଏହି ସମୟ ମଧ୍ୟରେ ଓଡ଼ିଶାର ବିକାଶ ଧାରାରେ କିଟ୍ ଓ କିସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ଡା. ସୁବ୍ରତ ଆଚାର୍ଯ୍ୟ ଆମେ ପ୍ରତ୍ୟେକ ଜଣେ ଜଣେ ଓଡ଼ିଆ ଭାବେ ଗର୍ବ କରିବା ସହ ଆମେ ଅନ୍ୟମାନଙ୍କ ଅପେକ୍ଷା ଶ୍ରେଷ୍ଠ ବୋଲି ଭାବିବା ଉଚିତ। ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ଶରଣଜିତ ସିଂହ, ଡା. ସିବିକେ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିବା ବେଳେ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍କଳ ଦିବସ ପରିପେକ୍ଷୀରେ କୁନି କଳାକାର ଶ୍ରେୟାଶ୍ରୀ ଯୋଶୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ବେଲବାଞ୍ଜି ଜଙ୍ଗଲରୁ ମିଳିଲା ନର କଙ୍କାଳ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ମହନିଲହ ଗ୍ରାମ ନିକଟ ବେଲବାଂଜି ଜଙ୍ଗଲରୁ ଏକ ନର କଙ୍କାଳ ମିଳିଥିବା ସୂଚନା ମିଳିଛି । ଖବର ପାଇ ବଲାଙ୍ଗିରରୁ ସାଇନ୍ଟିଫିକ୍ ଟିମ୍ ପହଂଚିଥିବା ବେଳେ କଂଟାବାଂଜି ଏସଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡିଙ୍କ ନେତୃତ୍ୱରେ ତୁରେକେଲା ପୁଲିସ୍ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଥିବା ଜଣାପଡିଛି। ଜଙ୍ଗଲ ଭିତରେ କଙ୍କାଳ ପଡିଥିବା ଗାଈଚାରଣ ପାଇଁ ଯାଇଥିବା ବେଳେ ଲୋଚନ ଗଡତିଆ କନା, ଖପୁରି ହାଡ଼ ଗୁଡିକ ଦେଖି ପୁଲିସକୁ ଖବର ଦେଇଥିଲେ। ପୋଲିସ କହିବା ଅନୁସାରେ, ଏ ସଂକ୍ରାନ୍ତରେ ଥାନାରେ ଗୋଟିଏ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ହେଉଛି। ସାଇଂଟିଫିକ୍ ଟିମ୍ ଏନେଇ ଛାନଭିନ କରୁଛି। ମୃତ ଶବ ପୁରୁଷ କି ନାରୀ ତାହା ଜଣାପଡିନାହିଁ। ତୁରେକେଲା ରେଲୱେ ଟ୍ରାକ୍ କଡରେ ଥିବା ଏହି ଜଙ୍ଗଲ ଭିତରକୁ ମୃତଦେହ କିପରି ଆସିଲା, ତାକୁ ସେଠାରେ ହତ୍ୟା କରାଯାଇଛି କି ମାରିଲା ପରେ ପକାଇ ଦିଆଯାଇଛି ତାକୁ ନେଇ ସଧାରଣରେ ସନ୍ଦେହ ଜାତ ହେଉଛି। ତେବେ ସବୁକିଛି ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି।

# ରାଜ୍ୟ ଶିକ୍ଷକ ସମ୍ମାନ ପାଇଲେ କରୁଣାକର

ମାଲକାନଗିରି, (ପି.ଏନ): ମାଲକାନଗିରି ମାଟିକୁ ପ୍ରଣାମ । ମାଲକାନଗିରିବାସୀଙ୍କୁ ପ୍ରଣାମ। ଏହିଭଳି କହିଛନ୍ତି ମାଲକାନଗିରିର ପ୍ରଥମ ମାଧ୍ୟମିକ ସ୍ତରରେ ରାଜ୍ୟ ଶିକ୍ଷକ ସମ୍ମାନ ପାଇଥିବା ଶିକ୍ଷକ କରୁଣାକର ମଲ୍ଲିକ । ୨୦୧୩ ମସିହାରେ ମାଲକାନଗିରି ଏକ ସ୍ୱତନ୍ତ୍ର ଶିକ୍ଷା ଜିଲ୍ଲା ଭାବେ ପ୍ରତିଷ୍ଠା ହେଲା ପରେ ୨୦୧୭ ମସିହାରେ ରାଜ୍ୟ ଶିକ୍ଷକ ସମ୍ମାନ ପାଇଁ ଜିଲ୍ଲାରୁ ମନୋନୀତ ହେଲାପରେ ରାଜ୍ୟରେ ମଧ୍ୟ ମନୋନୀତ ହୋଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ତାର୍ଲାକୋଟାର ସଂସ୍କୃତ ଶିକ୍ଷକ କରୁଣାକର ମଲ୍ଲିକ ରାଜ୍ୟ ସରକାରଙ୍କ ତରଫରୁ ୨୦୧୭ ମସିହାରେ କୃତି ଶିକ୍ଷକ ଭାବେ ମନୋନୀତ ହୋଇଥିଲେ। କୌଣସି ଅନିର୍ବାର୍ଯ୍ୟ କାରଣବଶତଃ ଏହି ସମ୍ମାନ ପ୍ରଦାନ କରାଯାଇନଥିଲା । ଏ ବର୍ଷ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ସୂଚନା ଲୋକ ସମ୍ପର୍କ ବିଭାଗକୁ ପବିତ୍ର ଉତ୍କଳ ଦିବସରେ ଏହି ସମ୍ମାନଜନକ ପୁରସ୍କାର ଜିଲ୍ଲା ସ୍ତରରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାଲକାନଗିରି ଜିଲ୍ଲା ତରଫରୁ ଆୟୋଜିତ ଉତ୍କଳ ଦିବସ କାର୍ଯ୍ୟକ୍ରମରେ ଜିଲାପାଳ ବିଶାଲ ସିଂ, ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ, ବରିଷ୍ଠ ଆଇନଜୀବି ଅଶୋକ କୁମାର ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନା, ମୁଖ୍ୟବକ୍ତା ବଳରାମ ପୁଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରମିଳା ମାଝି ସଭା ପରିଚାଳନା କରିଥିଲେ।ଦୀର୍ଘ ଦିନ ଆଦିବାସୀ ଗାଁ ରେ ରହି ଆଦିବାସୀ ଅଂଚଳରେ ଶିକ୍ଷାର ବିକାଶ, ପରିବେଶ ସୁରକ୍ଷା ଓଡ଼ିଆ ଭାଷା ସାହିତ୍ୟ ଓ ସମାଜସେବା ପାଇଁ ସେ ଏ ଜିଲ୍ଲାର ଜଣେ ଆଦର୍ଶ ଶିକ୍ଷକ ଭାବେ ସୁପରିଚିତ। ତେଣୁ ଏହି ଖବର ପାଇବା ପରେ ଛାତ୍ର ଛାତ୍ରୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

# ଜିଲ୍ଲାସ୍ତରୀୟ ୮୮ତମ ଓଡ଼ିଶା ଦିବସ ପାଳିତ

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ଠାରେ ୮୮ ତମ ଓଡିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସମାରୀ ଟାଙ୍ଗୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାର ଭଉଣୀଭାଇଙ୍କୁ ଓଡ଼ିଶା ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଶ୍ରୀମତୀ ଟାଙ୍ଗୁଲୁ ଓଡ଼ିଶାର ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଥିଲେ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭଳି ବରପୁତ୍ର ମାନଙ୍କ ତ୍ୟାଗ ଓ ସଂଗ୍ରାମ ଯୋଗୁଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ସାକାର ହୋଇପାରିଥିଲା। ଏହି ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଲ ସିଂ ବରପୁତ୍ର ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ମାଲ୍ୟାର୍ପଣ କରି ଜିଲ୍ଲାବାସୀଙ୍କୁ ଓଡ଼ିଶା ଦିବସର ଶୁଭେଚ୍ଛା ଜଣାଇଥିଲେ ଏବଂ କହିଥିଲେ ଯେ, ଓଡ଼ିଶାର ସାଂସ୍କୃତିକ ବିବିଧତା ଆମର ସବୁଠାରୁ ବଡ଼ ପରିଚୟ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଏବଂ ବିଶ୍ୱକପ୍ ହକି ଭଳି କ୍ରୀଡା ଆୟୋଜନ କରି ଆଜି ସମଗ୍ର ବିଶ୍ୱରେ ଓଡିଶା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଉପ ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ପୌର ପରିଷଦ ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ, ଜିଲ୍ଲା ଶିକ୍ଷାଧିକାରୀ ମାନସ କୁମାର ଜେନା, ବରିଷ୍ଠ ଆଇନଜୀବି ଅଶୋକ ପଟ୍ଟନାୟକ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ବଳରାମ ପୁଜାରୀ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଇତିହାସ ବିଷୟରେ ବିସ୍ତୃତ ଭାବେ ଉପସ୍ଥାପନ କରିବା ସହ ଓଡ଼ିଶାକୁ ଆଗେଇ ନେବା ପାଇଁ ସମସ୍ତଙ୍କୁ ଏକ ମନପ୍ରାଣ ନେଇ ଆଗକୁ ବଢ଼ିବାକୁ ହେବ ବୋଲି କହିଥିଲେ।

# ସ୍ୱାମୀର ତୀର ମାଡ଼ରେ ସ୍ତ୍ରୀ ଗୁରୁତର

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲାରେ ଏକ ଅଭାବନୀୟ ଘଟଣା ଘଟିଛି । ସ୍ୱାମୀର ତୀର ମାଡ଼ରେ ସ୍ତ୍ରୀ ଗୁରୁତର ହୋଇଛନ୍ତି । ଗୁରୁତର ଅବସ୍ଥାରେ ପରିବାର ଲୋକେ ମହିଳାଙ୍କୁ ଜିଲା ସଦର ଚିକିତ୍ସାଳୟରେ ଭର୍ତି କରିଛନ୍ତି । ମୋଟୁ ଥାନା ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ଫେରାର୍ ଥିବା ସ୍ୱାମୀକୁ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଛି ।ଖବର ଅନୁଯାୟୀ, ମୋଟୁ ଥାନା କମଳାପୁରମ ଗାଁର କୁରସାମୀ କାଲି ଓ କୁରସାମୀ ଗଙ୍ଗା ମହିଳା ଜଣକ ସ୍ୱାମୀଙ୍କ ସହ ମିଶି ମଦ୍ୟପାନ କରିଥିଲେ । ପରେ କୌଣସି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ।ଏଥିରେ ରାଗିଯାଇ ସ୍ୱାମୀ ଗଙ୍ଗା ନିଜ ସ୍ତ୍ରୀକୁ ତୀର ମାଡ଼କରି ସେଠାରୁ ଫେରାର୍ ହୋଇଯାଇଥିଲା। ମହିଳାଙ୍କ ଚିତ୍କାର ଶୁଣି ପାଖ ପଡୋଶୀ ଓ ତାଙ୍କ ପୁଅ ଆସି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ମୋଟୁ ମେଡିକାଲ ନେଇଥିଲେ। ଅବସ୍ଥା ଶଙ୍କଟାପନ୍ନ ଥିବାରୁ ତାଙ୍କୁ ମାଲକାନଗିରି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ପରେ ମହିଳା ଜଣକ ବିପଦ ମୁକ୍ତ ଥିବା ଜଣାପଡିଛି।

# ୨୦୨୨-୨୩ ଆର୍ଥିକ ବର୍ଷରେ ପଣ୍ୟ କାରବାରରେ ପାରାଦୀପ ବନ୍ଦରର ୧୬.୫୬ ପ୍ରତିଶତ ବୃଦ୍ଧି




ପାରାଦୀପ,(ପି.ଏନ):ପାରାଦୀପ ବନ୍ଦର ୨୦୨୨-୨୩ ଆର୍ଥିକ ବର୍ଷରେ ପଣ୍ୟ କାରବାରରେ ୧୬.୫୬ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଏହି ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୩୫.୩୬ ମିଲିୟନ ମେଟ୍ରିକ ଟନ୍ ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି । ପୂର୍ବ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୧୬.୧୩ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରିଥିଲା । ଯାହାକି ଗତ ଆର୍ଥିକ ବର୍ଷ ଠାରୁ ୧୯.୨ ମିଲିୟନ ମେଟ୍ରିକ୍ ଟନ୍ ଅଧିକ ପଣ୍ୟ କାରବାର ହୋଇଥିବା ନେଇ ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ସୂଚନା ଦେଇଛନ୍ତି । କୋଷ୍ଟାଲ ସିପିଙ୍ଗରେ ୫୮.୪୨ ମିଲିୟନ୍ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରିଛି ପାରାଦୀପ ବନ୍ଦର । ଏହି ଆର୍ଥିକ ବର୍ଷରେ ୨୦,୧୨୬ ରେକ୍ ଯୋଗେ ପଣ୍ୟ କାରବାର ହୋଇଛି । ସେହିପରି ପାରାଦୀପ ବନ୍ଦର ମଧ୍ୟ ଦେଇ ୨୩୯୪ଟି ଜାହାଜ ଚଳାଚଳ କରିଥିଲା । ଆଗାମୀ ଦିନରେ ଆଉ ୪ଗୋଟି ବର୍ଥ ନିର୍ମାଣ ନିମନ୍ତେ ସରକାରଙ୍କ ଅନୁମତି ନିମନ୍ତେ ଆବେଦନ କରାଯାଇଥିବା ଅଧ୍ୟକ୍ଷ ଶ୍ରୀ ହରନାଦ କହିଛନ୍ତି । ପାରାଦୀପ ବନ୍ଦରରେ ଗ୍ରୀନ ଆମୋନିଆ/ଗ୍ରୀନ୍ ହାଇଡ୍ରୋଜେନ୍ ବର୍ଥ ନିର୍ମାଣ ପାଇଁ ଯୋଜନା ରହିଛି । ଏହା କାର୍ଯ୍ୟକ୍ଷମ ହେବା ପରେ ପାରାଦୀପ ବନ୍ଦର ଦେଶର ହାଇଡ୍ରୋଜେନ୍ ହବ୍ ଭାବେ ପରିଗଣିତ ହେବ ବୋଲି ସେ ସୂଚନା ଦେଇଛନ୍ତି । ଜାହାଜ ଚଳାଚଳ ବିଭାଗର କେନ୍ଦ୍ରମନ୍ତ୍ରୀ,ରାଷ୍ଟ୍ରମନ୍ତ୍ରୀ, ବିଭାଗୀୟ ସଚୀବଙ୍କ ସମେତ ଏହି ସଫଳତାରେ ସାମିଲ ବନ୍ଦର ଅଧିକାରୀ, କର୍ମଚାରୀ, ୟୁନିୟନ୍, ପିପିପି ଅପରେଟର୍, ଷ୍ଟିଭେଡୋର୍ସ,ସିପିଙ୍ଗ ଏଜେଣ୍ଟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏଥି ସହିତ ରେଲ ମନ୍ତ୍ରଣାଳୟ,କଷ୍ଟମ ବିଭାଗ, ଓଡିଶା ସରକାରଙ୍କ ସମେତ ପାରାଦୀପ ବନ୍ଦରକୁ ସହଯୋଗ କରୁଥିବା ସମସ୍ତ ସଂସ୍ଥାମାନଙ୍କୁ ଅଧ୍ୟକ୍ଷ ଶ୍ରୀ ହରନାଦ କୃତଜ୍ଞତା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇପିଏର ପରିଚାଳନା ନିର୍ଦ୍ଦେଶକ ଏ.କେ.ବୋଷ,ବନ୍ଦର ସଚୀବ ଡ.ପି.ଏନ୍.ବାହେକର,ଟ୍ରାଫିକ ମ୍ୟାନେଜର ଜି.ଏଡିସନ୍,ମୁଖ୍ୟ ଅର୍ଥପରାମର୍ଶଦାତା ଡି.ଏନ୍.ସୋଣ୍ଠି ଓ ଡେପୁଟି କନଜରଭେଟର କ୍ୟାପଟେନ୍ ଏ.ସି.ସାହୁ ଉପସ୍ଥିତ ଥିଲେ ।

# ବିଶାଖାପାଟଣାରେ ଉତ୍କଳ ସାଂସ୍କୃତିକ ସମାଜ ଦ୍ୱାରା ଓଡ଼ିଶା ଦିବସ ପାଳନ



ବିଶାଖାପାଟଣା, (ପି.ଏନ): ଭାଗ୍ୟର ନଗରୀ ବିଶାଖାପାଟଣାଠାରେ ମହାସମାରୋହରେ ୮୮ ତମ ଉତ୍କଳ ଦିବସ ପାଳନ କରାଯାଇଛି। ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ସଂଗଠନ ଉତ୍କଳ ସାଂସ୍କୃତିକ ସମାଜ ଆନୁକୁଲ୍ୟେର ଆୟୋଜିତ ଏହି ମହୋତ୍ସବେର ସହସ୍ରାଧିକ ଓଡ଼ିଆ ଓ ଓଡ଼ିଶାପ୍ରେମୀ ଜନସାଧାରଣ ଯୋଗ ଦେଇଥିବା ଦେଖାଯାଇଥିଲା। ଏହି ଉପଲକ୍ଷେ ଉତ୍ସବସ୍ଥଳ ସୁରମ୍ୟ ଦଶପଲ୍ଲା ପାହାଡ଼ିସ୍ଥିତ ସାଂସ୍କୃତିକ ସମାଜର କାର୍ଯ୍ୟାଳୟ ପରିସରକୁ ରଙ୍ଗ, ବେରଙ୍ଗର କପଡ଼ା, ଫୁଲ ଓ ଅଲୋକମାଳରେ ଭବ୍ୟ ଢଙ୍ଗେର ସଜ୍ଜା ଯାଇଥିଲା। ସମଗ୍ର ପରିବେଶ ଉତ୍ସବ ମୁଖର ହେବା ସାଙ୍ଗକୁ ଏକ କ୍ଷୁଦ୍ର ଓଡ଼ିଶାର ରୂପ ଧାରଣ କରିଥିଲା। ଉପସ୍ଥିତ ଯୁବ ସମ୍ପ୍ରଦାୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିବା ସହିତ ଏଥିରେ ହଜି, ମଜ୍ଜି, ମସଗୁଲ୍ ହେଉଥିବା ଦେଖାଯାଇଥିଲା। ଚଳିତ ବର୍ଷର ଓଡ଼ିଶା ଦିବସ ପାଳନକୁ କେନ୍ଦ୍ର କରି ଜନସାଧାରଣଙ୍କ ମଧ୍ୟେର ଦୃଶ୍ୟମାନ ଅଭୂତପୂର୍ବ, ଆନନ୍ଦ, ଉଲ୍ଲାସ, ଉତ୍ସାହ ଓ ଉଦ୍ଦୀପନା ବେଶ୍ ନିଆରା ଓ ଅବିସ୍ମରଣୀୟ ଥିଲା। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପାରମ୍ପରିକ ରୀତରେ ପ୍ରଦୀପ ପ୍ରଜ୍ୱଳନ ଏବଂ ଉତ୍କଳର ବରପୁତ୍ର ମାନଙ୍କର ଫଟୋଚିତ୍ରେର ମାଲ୍ୟାର୍ପଣ କରାଯିବା ପେର ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଆୟକର ବିଭାଗର ପ୍ରମୁଖ ଆୟୁକ୍ତ ଅସିତ କୁମାର ମହାପାତ୍ର ତାଙ୍କର ଭାଷଣେର ଓଡ଼ିଶାର ଉତ୍କୃଷ୍ଟ କଳା, ଉନ୍ନତ ସଂସ୍କୃତି ଏବଂ ଉତ୍ତୁଙ୍ଗ ଐତିହ୍ୟ ଅନନ୍ୟ ଏବଂ ଅତୁଳନୀୟ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ତଥା ମୁଖ୍ୟ ବକ୍ତା ୱାଲଟିୟର ରେଳବାଇ ଡିଭିଜନର ପ୍ରବନ୍ଧକ ଅନୁପ କୁମାର ଶତପଥୀ ଓଡ଼ିଶା ମାଟିର ମହକ, ମହିମା ଓ ମହନୀୟତାର ଶ୍ରେଷ୍ଠତ୍ୱ ଉପେର ଆଲୋକପାତ କରିଥିଲେ। ସାଂସ୍କୃତିକ ସମାଜର ସଭାପତି ଜତୋନ୍ଦ୍ର କୁମାର ନାୟକ ଏବଂ ସମ୍ପାଦକ ବିମଳ କୁମାର ମହନ୍ତ, ଓଡ଼ିଆ ଅସ୍ମିତାର ମହାନତା ଏବଂ ଜଗନ୍ନାଥ ସଂସ୍କୃତିର ବ୍ୟାପକତା ସମ୍ପର୍କରେ ସୁଚାଇଥିଲେ। ଏହି ଅବସରେର ସମାଜର ବାର୍ଷିକ ସ୍ମରଣିକା ''ଅରଣିମା'' କୁ ଅତିଥି ମାନେ ମୁଖ୍ୟ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ସାହୁଙ୍କର ଉପସ୍ଥିତରେ ଉନ୍ମୋଚନ କରିଥିଲେ। ୧୯୩୬ ମସିହା ଏପ୍ରିଲ ୧ ତାରିଖେର ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶାର ଗଠନ ହୋଇଥିଲା। ସେବେଠାରୁ ଓଡ଼ିଶାର ଗର୍ବ, ଗୌରବ ଓ ବୈଭବର ଗାଥାକୁ ବଖାଣିବା ତଥା ସ୍ୱତନ୍ତ୍ର ପ୍ରଦେଶ ଗଠନ ପଛେର ଥିବା ମହାମନିଷୀ ମାନଙ୍କର ଅବଦାନ ଓ ବଳିଦାନକୁ ସ୍ମରଣ କରାଯିବା ଉଦ୍ଦେଶ୍ୟେର ଏହି ଦିନକୁ ଉତ୍କଳ ଦିବସ ଭାବେର ପାଳନ କରାଯାଇଆସୁଛି ।ସମାଜର ସଭାପତି ଜେ.କେ. ନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ନଓଡ଼ିଆ ଖାଦ୍ୟ ଉତ୍ସବ ନ ଚଳିତ ବର୍ଷ ଏହି ପର୍ବର ସ୍ୱତନ୍ତ୍ର ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଏଠାରେ ମହଜୁଦ ଥିବା ସ୍ୱାଦିଷ୍ଟ ଦହିବରା, ଆଳୁଦମ, ଛେନାପୋଡ଼, ମଣ୍ଡା ଓ କାକରା ଆଦି ଖାଦ୍ୟଦ୍ରବ୍ୟ ପ୍ରଦର୍ଶନ ସ୍ଥଳେର ଦର୍ଶକ ମାନଙ୍କର ଭାରି ଭିଡ଼ ଜମିଥିବାର ଦୃଶ୍ୟ ଅତ୍ୟନ୍ତ ମଜାଦାର ଥିଲା। ସୁପ୍ରସିଦ୍ଧ ଓଡ଼ିଶୀ ନୃତ୍ୟାଙ୍ଗନା ମମତା ଓଝା ଏବଂ ଆର୍ଟ ରିସର୍ଚ୍ଚ ଇନଷ୍ଟିଚ୍ୟୁଟକୁ ପ୍ରତିନିଧିତ୍ୱ କରୁଥିବା ତାଙ୍କର ସାଥୀ ମାନେ ଶାସ୍ତ୍ରୀୟ ଶୈଳୀରେ ନକାଞ୍ଚି ବିଜୟନ୍ତ ନୃତ୍ୟନାଟିକା ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ସୀମା ମହାନ୍ତିଙ୍କ ତତ୍ତ୍ୱାବଧାନେର ଉଦୀୟମାନ କଳାକାର ମାନଙ୍କ ଦ୍ୱାରା ପ୍ରସ୍ତୁତ ଲୋକପ୍ରିୟ ସମ୍ବଲପୁରୀ ଓ ରଙ୍ଗବତୀ ଲୋକନୃତ୍ୟ ଖୁବ ଉଚ୍ଚକୋଟୀର ଥିଲା ଏବଂ ଦର୍ଶକ ମାନଙ୍କଦ୍ୱାରା ବ୍ୟାପକ ଭାବେ ଆଦୃତ ହୋଇଥିଲା।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray